Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 46

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 16 ନଭେମ୍ବର 2017   16 ନବୁଓ୍ୱତ୍ 1396 ହି.ଶ   26 ସଫର୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ବରାହିନେ ଅହେମଦୀୟାରେ ଗୋଟିଏ ପେଶ୍‌ଗୋଇ ଅଛି । ରବ୍‌ବି ଲା ତଜର୍‌ନି ଫର୍‌ଦଉଁ ଓ୍ୱ ଅନ୍‌ତା ଖଏରୁଲ୍ ଓ୍ୱାରିସିନ୍ । ଏହି ଦୁଆଟି ଆସନ୍ତା (ସମୟ) ପାଇଁ ପେଶ୍‌ଗୋଇ ଥିଲା ଯେ ଗୋଟିଏ ଆଧ୍ୟାତ୍ମିକ ଯମାତ୍‌କୁ ଖୁଦାତାଲା ମୋ ସହିତ ଯୋଡ଼ି ଦେବେ । ଯେଉଁମାନେ ମୋ ହାତରେ ତୌବା କରିବେ । ସୁତରାଂ ଖୁଦାଙ୍କ ନିକଟରେ କୃତଜ୍ଞତା ଜଣାଉଛି ଯେ ଏହି ପେଶ୍‌ଗୋଇ ଅତ୍ୟନ୍ତ ସ୍ପଷ୍ଟ ରୂପେ ପୁରଣ ହେଲା । ମୁଁ ହଲ୍‌ପ୍ (ରାଣ) ଖାଇ କହିପାରିବି ଯେ ମୋର ହଜାର ହଜାର ସତ୍ୟନିଷ୍ଠ ଓ ନିଷ୍ଠାବାନ୍ ଶିଷ୍ୟ ବୟତ୍ କରିବା ପରେ ଏପରି ପବିତ୍ର ପରିବର୍ତ୍ତନ ହାସଲ କରିସାରିଛନ୍ତି ଯେ ସେମାନଙ୍କ ମଧ୍ୟରୁ ସମସ୍ତେ ଗୋଟିଏ ଗୋଟିଏ ନିଦର୍ଶନ ଅଟନ୍ତି । ପ୍ରଥମେ ମୁଁ ଏକୁଟିଆ ଥିଲି । ମୋ ସହିତ କୌଣସି ଯମାତ୍ ନଥିଲା । କିନ୍ତୁ ବର୍ତ୍ତମାନ କୌଣସି ମୁଖାଲିଫ୍ (ବିରୋଧି)ଏ କଥା ଲୁଚାଇପାରିବ ନାହିଁ ଯେ ହଜାର ହଜାର ଲୋକ ମୋ ସହିତ ଅଛନ୍ତି ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

୯୧-ଏକାନବେତମ ନିଦର୍ଶନ - ବରାହିନେ ଅହେମଦୀୟା ଯାହା ଆଜିଠାରୁ ୨୫ ବର୍ଷ ପୂର୍ବେ ସବୁ ଦେଶରେ ଛପା ହୋଇ ପ୍ରକାଶ ହୋଇସାରିଛି ଅର୍ଥାତ୍ ପଞ୍ଜାବ୍‌ର ପ୍ରତ୍ୟେକ ସ୍ଥାନରେ, ହିନ୍ଦୁସ୍ତାନ୍, ଆରବ, ଶିରିଆ, କାବୁଲ୍ ଓ ବୁଖାରା ଇତ୍ୟାଦି ସମସ୍ତ ଇସ୍‌ଲାମୀୟ ସହର ଗୁଡିକରେ ପହଂଚାଇ ଦିଆଯାଇଛି । ସେଥିରେ ଗୋଟିଏ ପେଶ୍‌ଗୋଇ ଅଛି- ରବ୍‌ବି ଲା ତଜର୍‌ନି ଫର୍‌ଦଉଁ ଓ୍ୱ ଅନ୍‌ତା ଖଏରୁଲ୍ ଓ୍ୱାରିସିନ୍ । ଅର୍ଥାତ୍ ଖୁଦାଙ୍କ ଓ୍ୱହି (ସ୍ୱର୍ଗବାଣୀ) ରେ ମୋ ତରଫରୁ ଏ ଦୁଆ ଥିଲା ଯେ ହେ ମୋର ଖୁଦା ! ମୋତେ ଏକୁଟିଆ କରିଦିଅନାହିଁ । ଯେପରି ବର୍ତ୍ତମାନ ମୁଁ ଏକୁଟିଆ ଅଛି । ଏବଂ ତୋଠାରୁ ବଳି କିଏ ଉତରାଧିକାରୀ ଅଛି । ଅର୍ଥାତ୍ ଯଦିଚ ମୋର ବର୍ତ୍ତମାନ ସନ୍ତାନ ମଧ୍ୟ ଅଛନ୍ତି ଓ ବାପା ମଧ୍ୟ ଅଛନ୍ତି ଓ ଭାଇ ମଧ୍ୟ ଅଛି କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମୁଁ ବର୍ତ୍ତମାନ ଏକୁଟିଆ । ଏବଂ ତୋ ଠାରୁ ଏପରି ଲୋକଙ୍କର ଆଶା କରୁଛି ଯେଉଁମାନେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମୋ ଉତରାଧିକାରୀ ହେବେ । ଏହି ଦୁଆଟି ଆସନ୍ତା ପାଇଁ ଏକ ପେଶ୍‌ଗୋଇ ଥିଲା ଯେ ଗୋଟିଏ ଆଧ୍ୟାତ୍ମିକ ଯମାତ୍‌କୁ ଖୁଦାତାଲା ମୋ ସହିତ ଯୋଡ଼ି ଦେବେ । ଯେଉଁମାନେ ମୋ ହାତରେ ତୌବା କରିବେ । ସୁତରାଂ ଖୁଦାଙ୍କ ନିକଟରେ କୃତଜ୍ଞତା ଜଣାଉଛି ଯେ ଏହି ପେଶ୍‌ଗୋଇ ଅତ୍ୟନ୍ତ ସ୍ପଷ୍ଟ ରୂପେ ପୁରଣ ହେଲା । ପଞ୍ଜାବ ଓ ହିନ୍ଦୁସ୍ତାନ୍‌ରୁ ହଜାର ହଜାର ସୁଯୋଗ୍ୟ ଲୋକେ ମୋ ହାତରେ ବୟତ କରିଛନ୍ତି । ସେହିପରି ଅମୀର୍‌ଙ୍କ କାବୁଲ୍ ରାଜ୍ୟରୁ ବହୁତ ଲୋକେ ମୋ ବୟତ୍‌ରେ ଦାଖଲ୍ ହୋଇସାରିଛନ୍ତି । ମୋ ପାଇଁ ଏହି କାର୍ଯ୍ୟ ଯଥେଷ୍ଟ ଯେ ହଜାର ହଜାର ଲୋକେ ମୋ ହାତରେ ନିଜର କିସମ କିସମର ଗୁନାହା (ପାପ) ରୁ ତୌବା କରିଛନ୍ତି । ଏବଂ ମୁଁ ହଜାର ହଜାର ଲୋକଙ୍କୁ ବୟତ କରିବା ପରେ ଏପରି ପରିବର୍ତ୍ତନ ହେବାର ଦେଖିଲି । ଯେଉଁ ପର୍ଯ୍ୟନ୍ତ ଖୁଦାଙ୍କ ହାତ କାହାକୁ ସଫା ନକରିଛି ସେ ପର୍ଯ୍ୟନ୍ତ ସେ କଦାପି ଏପରି ସଫା ହୋଇପାରିବନାହିଁ । ଏବଂ ମୁଁ ହଲପ୍ କରି ଏପରି କହିପାରିବି ଯେ ମୋର ହଜାର ହଜାର ସତ୍ୟନିଷ୍ଠ ଓ ନିଷ୍ଠାବାନ୍ ଶିଷ୍ୟ ବୟତ କରିବା ପରେ ଏପରି ପବିତ୍ର ପରିବର୍ତ୍ତନ ହାସଲ କରିସାରିଛନ୍ତି ଯେ ସେମାନଙ୍କ ମଧ୍ୟରୁ ସମସ୍ତେ ଗୋଟିଏ ଗୋଟିଏ ନିଦର୍ଶନ ଅଟନ୍ତି । ଯଦିଚ ଏହା ଠିକ୍ ସେମାନଙ୍କ ଚରିତ୍ରରେ ପୁର୍ବରୁ ପୁଣ୍ୟ ଅଣୁ ନିହିତ ଥିଲା । କିନ୍ତୁ ତାହା ସ୍ପଷ୍ଟ ରୂପେ ପ୍ରକାଶ ହୋଇନଥିଲା ଯେପର୍ଯ୍ୟନ୍ତ ସେମାନେ ବୟତ କରିନଥିଲେ । ସୁତରାଂ ଖୁଦାଙ୍କ ସାକ୍ଷୀ ଦ୍ୱାରା ପ୍ରମାଣିତ ହେଲା ଯେ ପ୍ରଥମେ ମୁଁ ଏକୁଟିଆ ଥିଲି ଏବଂ ମୋ ସହିତ କୌଣସି ଯମାତ୍ ନଥିଲା । ବର୍ତ୍ତମାନ କୌଣସି ମୁଖାଲିଫ୍ ଏକଥାକୁ ଲୁଚାଇପାରିବ ନାହିଁ ଯେ ଏବେ ହଜାର ହଜାର ଲୋକ ମୋ ସହିତ ଅଛନ୍ତି ବୋଲି । ସୁତରାଂ ଖୁଦାଙ୍କ ପେଶ୍‌ଗୋଇ ଏହିପ୍ରକାର ହୋଇଥାଏ, ଯାହା ସହିତ ଅଲ୍ଲାଃଙ୍କ ସାହାଯ୍ୟ ଓ ସମର୍ଥନ ରହିଥାଏ । କିଏ ଅଛି ଯିଏ ମୋର ଏହି କଥାକୁ ମିଛ ବୋଲି କହିପାରିବ । ଯେବେ ଏହି ପେଶ୍‌ଗୋଇ ଖୁଦାତାଲା କଲେ ଓ ବରାହିନେ ଅହେମଦୀୟାରେ ଛପାଯାଇ ପ୍ରକାଶ କରାଗଲା ସେ ସମୟରେ ଖୁଦାଙ୍କ କହିବା ଅନୁସାରେ ମୁଁ ଏକୁଟିଆ ଥିଲି । ଓ ଖୁଦାଙ୍କ ବ୍ୟତୀତ ମୋ ସହିତ କେହି ନଥିଲେ । ମୋର ଆତ୍ମୀୟମାନଙ୍କ ଦୃଷ୍ଟିରେ ମୁଁ ନଗଣ୍ୟ ବ୍ୟକ୍ତି ଥିଲି । କାରଣ ତାଙ୍କର ରାସ୍ତା ଅଲଗା ଥିଲା ଏବଂ ମୋର ରାସ୍ତା ଅଲଗା ଥିଲା । କାଦିଆନ୍‌ର ସବୁହନ୍ତୁ ମୋର ବିରୋଧି ହୋଇଥିବା ସତ୍ତ୍ୱେ ମଧ୍ୟ ଏ କଥାର ସାକ୍ଷୀ ଦେବାକୁ ବାଧ୍ୟ ହେବ ଯେ ମୁଁ ସେ ସମୟରେ ଗୋଟିଏ ଅଜ୍ଞାତ କରିସ୍ଥିତିରେ ଜୀବନ ଅତିବାହିତ କରୁଥିଲି । ଏବଂ ଏପରି କୌଣସି ଚିହ୍ନ ବର୍ଣ୍ଣ ନଥିଲା ଯେ ଏତେ ସଂଖ୍ୟାରେ ପୁଣ୍ୟବାନ୍, ନିଷ୍ଠାପର ଓ ପ୍ରେମ କରୁଥିବା ଲୋକେ ମୋ ସହିତ ସାମିଲ ହୋଇଯିବେ ବୋଲି । ଏବେ କୁହ ଯେ ଏ ପେଶ୍‌ଗୋଇ ଚମତ୍କାର ନୁହେଁ, କଣ ମଣିଷର ଏପରି ଶକ୍ତି ଅଛି କି ସେ ଏପରି କରିପାରିବ । ଯଦି କରିଥାଏ ତେବେ ବର୍ତ୍ତମାନ ବା ଅତୀତରେ ହୋଇଥିବା କୌଣସି ଦୃଷ୍ଟାନ୍ତ ଉପସ୍ଥାପନ କର । ଫଇଲ୍ ଲମ୍ ତଫ୍‌ଅଲୁ ଫତ୍‌ତକୁ ନାରଲ୍‌ଲତି ଓ୍ୱକୁଦହନ୍ ନାସୁ ଓ୍ୱଲ୍ ହିଜାରତୁ ଉଇଦ୍ଦତ୍ ଲିଲ୍ କାଫିରିନ୍ ।

୯୨-ବୟାନବେତମ ନିଦର୍ଶନ ହେଉଛି ସେହି ମୋବାହିଲା ଯାହା ଅବ୍‌ଦୁଲ୍ ହକ୍ ଗଜନୁଓ୍ୱିଙ୍କ ସହିତ ଅମୃତସରଠାରେ କରାଯାଇଥିଲା । ଯାହାକୁ ଏପର୍ଯ୍ୟନ୍ତ ଏଗାର ବର୍ଷ ବିତିଗଲାଣି । ତାହା ମଧ୍ୟ ଖୁଦାତାଲାଙ୍କର ଏକ ନିଦର୍ଶନ ଅଟେ । ଅବ୍‌ଦୁଲ୍ ହକ୍ ମୋବାହିଲା ପାଇଁ ବହୁତ ବାଧ୍ୟ କରାଉଥିଲା । (କିନ୍ତୁ) ମୋତେ ତା ସହିତ ମୋବାହିଲା କରିବା ପାଇଁ ଦ୍ୱିଧା ଥିଲା । କାରଣ ଯେଉଁ ବ୍ୟକ୍ତିଙ୍କ ଶିଷ୍ୟ ରୂପେ ସେ ନିଜକୁ ବିବେଚନା କରୁଥିଲା ସେହି ବ୍ୟକ୍ତି ଜଣକ ମୋ ମତରେ ଜଣେ ସ୍ୱାଲେହ (ପୁଣ୍ୟବାନ) ବ୍ୟକ୍ତି ଥିଲେ । ଅର୍ଥାତ୍ ମୌଲବୀ ଅବ୍‌ଦୁଲ୍ଲାଃ ସାହେବ ଗଜନଓ୍ୱି ମର୍‌ହୁମ୍ । ଯଦି ସେ ମୋ ଯୁଗକୁ ପାଇଥାନ୍ତେ ତେବେ ମୋର ବିଶ୍ୱାସ ଅଛି ଯେ ସେ ମୋତେ ମୋ ଦାବି ସହିତ ଗ୍ରହଣ କରିଥାନ୍ତେ, ଖଣ୍ଡନ କରିନଥାନ୍ତେ । କିନ୍ତୁ ସେହି ପୁଣ୍ୟବାନ ପୁରୁଷ ମୋ ଦାବି ପୂର୍ବରୁ ହିଁ ମୃତ୍ୟୁ ବରଣ କରେ । ଓ ଯାହା କିଛି ଅକିଦା (ବିଶ୍ୱାସ) ରେ ତୃଟି ଥିଲା ତାହା ଧରାଯିବ ନାହିଁ । କାରଣ ଇଜିତିହାଦି (ଅଜାଣତରେ ହୋଇଥିବା) ଭୁଲ୍ କ୍ଷମା ଯୋଗ୍ୟ ଅଟେ । ଦାଓ୍ୱତ୍ (ଆଓ୍ୱାହନ) ଏବଂ ଯୁକ୍ତି ଯୁକ୍ତ ତର୍କର ସମାପ୍ତି ପରେ ହିଁ ହିସାବ ଆରମ୍ଭ ହୋଇଥାଏ । କିନ୍ତୁ ଏଥିରେ କୌଣସି ସଙ୍କୋଚ ନାହିଁ ଯେ ସେ ନିଷ୍ଠାବାନ୍ ଓ ସତ୍ୟବାଦୀ (ପୁରୁଷ) ଥିଲେ । ଓ ସାଂସାରିକ ମୋହ ମାୟାଠାରୁ ଦୂରରେ ଥିଲେ ଓ ଜଣେ ପୁଣ୍ୟବାନ ଭକ୍ତ ଥିଲେ । ମୁଁ ତାଙ୍କ ମୃତ୍ୟୁପରେ ଥରେ ତାଙ୍କ ସ୍ୱପ୍ନରେ ଦେଖିଲି ଓ ତାଙ୍କୁ କହିଲି ଯେ ମୁଁ ସ୍ୱପ୍ନରେ ଦେଖିଛି ଯେ ଗୋଟିଏ ତଲ୍‌ଓ୍ୱାର ମୋ ହାତରେ ଅଛି, ଯାହାର ମୂଳ ଭାଗ ମୋ ହାତ ମୁଠାରେ ଅଛି ଓ ଅଗଭାଗ ଆକାଶରେ ମୁଁ ତାକୁ ଡାହାଣକୁ ଓ ବାମକୁ ଚଳାଉଛି ଓ ତାର ପ୍ରତ୍ୟେକ ଘାତରେ ହଜାର ହଜାର ମୁଖାଲିଫ୍ ମରୁଛନ୍ତି । ଏହାର ତାବିର୍ (ଅର୍ଥ) କଣ । ଉତରରେ ସେ ମୋତେ କହିଲେ ଏହା ହେଉଛି ଇତ୍‌ମାମେ ହୁଜ୍ଜତ୍ (ଅର୍ଥାତ୍ ଯୁକ୍ତିକୁ ସମ୍ପୂର୍ଣ୍ଣ କରିବା) ର ତଲ୍‌ଓ୍ୱାର୍ । ଏପରି ହୁଜ୍ଜତ୍ ଯାହା ପୃଥିବୀରୁ ଆକାଶ ପର୍ଯ୍ୟନ୍ତ ପହଂଚିବ ଯାହାକୁ କେହି ରୋକି ପାରିବେ ନାହିଁ । ଡାହାଣ ପଟକୁ ଓ କେବେ ବାମ ପଟକୁ ତଲ୍‌ଓ୍ୱାର୍ ଚଳାଇବାର ଯେଉଁ ବିଷୟ ଦେଖିଛ ଏହାର ଅର୍ଥ ହେଉଛି ଦୁଇ ପ୍ରକାରର ଦଲିଲ୍ ତୁମକୁ ଦିଆଯିବ । ଅର୍ଥାତ୍ ଜ୍ଞାନ ଓ ଉଦ୍ଧରଣର ଦଲିଲ୍, ଦ୍ୱିତୀୟରେ ଖୁଦାତାଲାଙ୍କ ତାଜା ନିଦର୍ଶନର ଦଲିଲ୍ । ସୁତରାଂ ଏହି ଦୁଇଟି ଦଲିଲ୍ ଦ୍ୱାରା ଦୁନିଆ ଉପରେ ହୁଜ୍ଜତ୍ ପୁରଣ ହେବ ମୁଖାଲିଫ୍ ଲୋକେ ପରିଶେଷରେ ଏହି ଦଲିଲ୍ ଦ୍ୱାରା ହିଁ ଚୁପ୍ ହୋଇଯିବେ । ଅର୍ଥାତ୍ ମୃତପ୍ରାୟ ହୋଇଯିବେ । ପୁଣି କହିଲେ ଯେ ଯେତେବେଳେ ମୁଁ ଦୁନିଆରେ ଥିଲି, ମୁଁ ଆଶାବାଦୀ ଥିଲି ଯେ ଏପରି କୌଣସି ମନୁଷ୍ୟ ଜନ୍ମ ନେବେ । ଏହି ଶବ୍ଦ ଯାହା ତାଙ୍କ ମୁହଁରୁ ବାହାରିଛି- ଓ୍ୱ ଲାନତୁଲ୍ଲାହି ଅଲଲ୍ କାଜିବିନ୍ ।

ସେ ଯେତେବେଳେ ଜୀବିତ ଥିଲେ ଥରେ ଖଇରୁଇଠାରେ ଓ ଦ୍ୱିତୀୟ ଥର ଅମୃତସର୍‌ଠାରେ ତାଙ୍କ ସହିତ ମୋର ସାକ୍ଷାତ୍ ହୋଇଥିଲା । ମୁଁ ତାଙ୍କୁ ପଚାରିଥିଲି ଯେ ଆପଣ ମୁଲ୍‌ହିମ୍ (ଯାହାଙ୍କ ଉପରେ ଏଲ୍‌ହାନ୍ ହୁଏ) ଅଟନ୍ତି, ଆମର ଗୋଟିଏ ମୁଦ୍ଦା ଅଛି । ସେଥିଯୋଗୁଁ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ୍ କାଦିଆନ୍

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

## (୨୭ ଅଗଷ୍ଟ ୨୦୧୭) ପାଲେଷ୍ଟାଇନ୍‌ରୁ ଆସିଥିବା ତିନିଜଣ ଅହେମଦୀ ଭଉଣୀ ମାନଙ୍କ ସହିତ ହଜୁର୍ ଅନୁୱ୍ୱର୍‌ଙ୍କ ସାକ୍ଷାତ୍‌କାରର ବଳକା ଅଂଶ

ହଜୁର୍ ଅନୁୱ୍ୱର୍‌ଙ୍କ ଇକ୍‌ତଦା (ପଛରେ) ରେ ନମାଜ ପଢ଼ିବା ସମ୍ପର୍କରେ ଚର୍ଚ୍ଚା କରି ସମାହ ସାହିବା କହୁଛନ୍ତି:- ନମାଜ ଭିତରେ ସୁରା ଫାତିହା ଏବଂ ଅନ୍ୟାନ୍ୟ ଆୟତ କରିମା ଗୁଡିକ ଯାହ ପାଠ କରାଗଲା ତାହା ସବୁ ବୁଝି ହେଉଥିଲା । ମୋତେ ଆଁ ହଜ୍‌ରତ୍ ସ:ଆ:ସଙ୍କ କଥନ ଏହି ଜଲ୍‌ସାରେ ଆସି ବୁଝାପଡ଼ିଲା । ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ଯେ ଜିକର୍ (ଧର୍ମଚର୍ଚ୍ଚା)ର ମଜ୍‌ଲିସ୍‌ରେ ଆସି ଫରିସ୍ତାମାନେ ନିଜ ଡ଼େଣାଦ୍ୱାରା ଲୋକମାନଙ୍କୁ ଢ଼ାଙ୍କିଦିଅନ୍ତି । ସେହିପରି ହଜୁର୍ ଅନୁୱ୍ୱର୍‌ଙ୍କର ପ୍ରେମ ଓ ସ୍ନେହକୁ ଦେଖି ରଉଫ ଏବଂ ହଲିମ୍ ର ଅର୍ଥ ମଧ୍ୟ ବୁଝା ପଡୁଥିଲା । ହଜ୍‌ରତ୍ ଆପାଜାନ୍ (ହଜୁର ଅନୁୱ୍ୱର୍‌ଙ୍କ ସ୍ତ୍ରୀ) ଙ୍କ ସହିତ ମଧ୍ୟ ଆମର ସାକ୍ଷାତ୍‌କାର୍ ହେଲା । ଆପଣ ନିଜ ସ୍ୱାମୀଙ୍କର ଗୁଣର ପ୍ରତିଛବି ଥିଲେ । ଜଲ୍‌ସା ସମୟରେ ଆମେ ଗ୍ରୀନ୍ ଏରିଆରେ ବସିବା ପାଇଁ ଚେଷ୍ଟା କରୁଥିଲୁ । ଯାହାଦ୍ୱାରା ଆମେ ହଜୁର୍‌ଙ୍କୁ ନିକଟରେ ଦେଖିପାରୁଥିଲୁ । ବଇତୁଲ୍ ସବୁହ୍‌ଠାରୁ ହଜୁର୍ ଅନୁୱ୍ୱର୍‌ଙ୍କର ବାହାରିବା ସମୟରେ ଲୋକମାନେ ବାହାର ଏକତ୍ରିତ ହୋଇଯାଉଥିଲେ । ସେମାନଙ୍କୁ ଦେଖି ମୋର ଅହ୍‌ଲେ ୟସରବ୍ (ମଦିନାର ଲୋକମାନଙ୍କ)ର କଥା ମନେପଡ଼ିଗଲା । ଯେତେବେଳେ ସେମାନେ ନବୀ କରିମ୍ ଓ ସ:ଆ:ସ ଙ୍କ ଆଗମନର ଅପେକ୍ଷାରେ ସହରର ବାହାରେ ଛିଡ଼ା ହୋଇଥିଲେ । ଏହି ଜଲ୍‌ସା ଆମକୁ ସାଧାରଣତଃ ଆମ ମନରେ ନବୀଙ୍କ ଯୁବ ଏବଂ ମୁହମ୍ମଦ୍‌ଙ୍କ ଚରିତ୍ରକୁ ମନେପକାଇ ତାଜା କରିଦେଲା ।

ଜଲ୍‌ସା ପ୍ରତି କ୍ଷେତ୍ରରେ ସୁ ସଂଗଠିତ ଥିଲା । ଏବଂ ଡିଉଟି କରୁଥିବା ଖୁଦାମ୍‌ମାନେ ସବୁ କ୍ଷେତ୍ରରେ ବହୁତ ଭଲ ଲୋକଥିଲେ । ଆମକୁ କୌଣସି ପ୍ରକାରେ ଅସୁବିଧା ହେଲାନାହିଁ ।

ଏହି ଜଲ୍‌ସାରେ ସେମାନଙ୍କର ଚତୁର୍ଥ ଗଏର୍ ଅହେମଦୀ ଭଉଣୀ ଯାହାଙ୍କ ନାମ ଲମିସ୍ ଅବ୍‌ଦୁଲ୍ ଜଲିଲ୍ ସାହିବା । ସେ ମଧ୍ୟ ସେମାନଙ୍କ ନିମନ୍ତ୍ରଣରେ ଯୋଗ ଦେଇଥିଲେ । ସେ ଇସ୍ତୋନିଆର ଜଣେ ନୂତନ ମୁସ୍‌ଲିମ୍‌ଙ୍କ ସହିତ ବିବାହ କରିଛନ୍ତି । ଏବଂ ସେଠାରେ ରହୁଛନ୍ତି । ତାଙ୍କ ବିଷୟରେ ଅମଲ୍ ଅବ୍‌ଦୁଲ୍ ଜଲିଲ୍ କହୁଛନ୍ତି ଯେ ମୁଁ ଯେତେବେଳେ ମୋ ଭଉଣୀ ଲମିସ୍‌କୁ ଦେଖିଲି ସେତେବେଳେ ସେ ହିଜାବ୍ ପିନ୍ଧିନଥିଲା । ଏପରି ଅବସ୍ଥାରେ ଦେଖି ମୋତେ ଭୀଷର ଧକ୍କା ଲାଗିଲା । ମୁଁ କହିଲି ଯେ ଇଏ ତ ବଡ଼ ଅଦବ୍ ଓ ସଂସ୍କାରୀ ଥିଲା, ଏପରି କଣ ହୋଇଗଲା । ପୁଣି ତାପରେ ମୁଁ ଦୁଆ କଲି ଯେ ହେ ଖୁଦା ! ତୁ ତୋ ଶକ୍ତିର କିଛି ଚମକ୍ାର ଦେଖାଓ । ଲମିସ୍ ପରି ଲୋକଙ୍କୁ ମଧ୍ୟ ଇମାନ୍‌ର ଧନ ପ୍ରଦାନ କରନ୍ତୁ ।

ଜଲ୍‌ସାର ଦ୍ୱିତୀୟ ଦିନ ହଜୁର୍‌ଙ୍କ ଭାଷଣ ଶୁଣିବା ପାଇଁ ଯେତେବେଳେ ଆମେ ଗ୍ରୀନ୍ ଏରିଆରେ ବସିଲୁ ଲମିସ୍‌କୁ ମଧ୍ୟ ଗ୍ରୀନ୍ ଏରିଆରେ ବସିବା ପାଇଁ ସୁଯୋଗ ମିଳିଗଲା । ଓ ଯେତେବେଳେ ହଜୁର୍ ଅନୁୱ୍ୱର୍ ଚାଲିଗଲେ ତ ଆମର ଏହି ଭଉଣୀ ଜଣକ କହିଲେ ଯେ ମୋ ଭିତରେ ବହୁତ ଗୁଡିଏ ପରିବର୍ତନ ଆସିଛି । ସେଥିଯୋଗୁଁ ମୁଁ ବୟସ୍ କରିବା ପାଇଁ ନିଷ୍ପତି କରିଛି । ଏହା ଶୁଣିବା କ୍ଷଣି ମୁଁ କାନ୍ଦି ପକାଇଲି ଓ ତାଙ୍କୁ ବତାଇଲି ଯେ ମୁଁ ତୁମପାଇଁ ବହୁତ ଦୁଆ କରିଥିଲି । ଅଲହମ୍‌ଦୋଲିଲ୍ଲାଃ ସେ ବୟତ୍ ବି କରିନେଲେ ଏବଂ ହେଜାବ୍ ମଧ୍ୟ ଘୋଡ଼ାଇନେଲେ । ଏହାପରେ ଇସ୍ତୋନିଆ ଓଫଦ୍‌ରେ ଯାଇ ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ତାଙ୍କର ସାକ୍ଷାତ୍‌କାର ମଧ୍ୟ ହେଲା । ଅଲହମ୍‌ଦୋଲିଲ୍ଲାଃ ସେ ପରେ ସ୍ୱପ୍ନରେ ଦେଖିଲେ ଯେ ଗୋଟିଏ ବଡ଼ ଯମାତ୍ ଭିତରେ ଛିଡ଼ା ହୋଇଛି ଏବଂ ତାଙ୍କୁ କେହି ଜଣେ କହୁଛି ଯେ ତୁମକୁ ବହୁତ ଅଧିକ ପଢ଼ିବ ଉଚିତ୍ । ଏହାପରେ ସେ ଯମାତି ପୁସ୍ତକ ଗୁଡିକୁ ପଢ଼ିବା ଆରମ୍ଭ କଲେ । ସବୁଠାରୁ ପ୍ରଥମେ ସେ ଯେଉଁ ପୁସ୍ତକଟି ପଢ଼ିବା ଆରମ୍ଭ କଲେ ତାହା ହେଉଛି ଇସ୍‌ଲାମୀ ଉସୁଲ କି ଫଲାସଫି ର ଅନୁବାଦ । ତାଙ୍କ କହିବା ଅନୁସାରେ ଏହା ବହୁତ ଉଚ୍ଚକୋଟୀର ପୁସ୍ତକ ଅଟେ ।

### ନୌମୋବାଇନ୍‌ଙ୍କ ସହିତ ହଜୁର୍ ଅନୁୱ୍ୱର୍‌ଙ୍କର୍ ସାକ୍ଷାତ୍‌କାର୍

ଏହାପରେ ପ୍ରୋଗ୍ରାମ୍ ମୁତାବକ ୭:୪୦ ରେ ନୌମୋବାଏ ପୁରୁଷମାନଙ୍କ ସହିତ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ମୁଲାକାତ୍ ଆରମ୍ଭ ହେଲା । ଏହି ନୌମୋବାଇନ୍ ମାନଙ୍କ ସଂଖ୍ୟା ଥିଲା-୨୨ । ସେମାନଙ୍କ ମଧ୍ୟରୁ ଜର୍ମାନୀ, ଆରବ, ତୁର୍କୀ, ପୋଲାଣ୍ଡ୍ ଏବଂ ଆଫ୍‌ଗାନିସ୍ତାନ୍ ସହିତ ସମ୍ପର୍କ ରଖିଥିବା ନୌମୋବାଏ ସାମିଲ୍ ଥିଲେ ।

ଆଫ୍‌ଗାନିସ୍ତାନ୍ ସହିତ ସମ୍ପର୍କ ରଖିଥିବା ଜଣେ ନୌ ମୋବାଏ କହିଲେ ଯେ ସେ ଫାର୍ସୀ, ଉର୍ଦ୍ଦୁ, ଜର୍ମାନ୍ ଏବଂ ପୁସ୍ତୋ ଭାଷାରେ କହିପାରନ୍ତି । ଏଠି ଜର୍ମାନୀରେ ମୋତେ ସାଢ଼େ ତିନିବର୍ଷ ହୋଇଗଲାଣି । ଏପର୍ଯ୍ୟନ୍ତ ମୋ ଇଂଟର୍‌ଭ୍ୟୁର କୌଣସି ଉତର ମିଳିନାହିଁ । ସେହିଭଳି ମୋ ବିବାହ ମଧ୍ୟ ହୋଇନାହିଁ । ବୟସ-୨୭ ହେଲାଣି । ସେ ଦୁଆ କରିବା ପାଇଁ ଦରଖାସ୍ତ ମଧ୍ୟ କଲେ । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା କୃପା କରିବେ । ବିବାହ ମଧ୍ୟ ହୋଇଯିବ ।

ଆଉଜଣେ ବନ୍ଧୁ ନିଜ ଦୁଃଖ କଷ୍ଟ ଗୁଡିକ ଦୁର ହେବା ପାଇଁ ଦୁଆର ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ ଖୁଦାତାଲା ଆପଣଙ୍କ ଦୁଃଖ କଷ୍ଟ ଦୁର କରନ୍ତୁ । ଆପଣଙ୍କର ସବୁ କଠିନତା ଦୁର କରନ୍ତୁ ।

ଶିରିଆ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ନୌମୋବାଏ କହିଲେ ମୋର ଚାରିଜଣ ଭାଇଥିଲେ । ସେମାନେ ସମସ୍ତେ ଶିରିଆର ଫସାଦ୍ (ସଂକଟ) ରେ ମରିସାରିଛନ୍ତି । ଏବେ ମା ଏକୁଟିଆ ଅଛନ୍ତି ଓ ସେ ବର୍ତମାନ ଉର୍ଦ୍ଦୁନ୍‌ରେ ରହୁଛନ୍ତି । ଦୁଆ କରନ୍ତୁ ମା' ଏଠାକୁ ମୋ ପାଖକୁ ଚାଲି ଆସନ୍ତୁ । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଦୟା କରନ୍ତୁ ।

ଆଉ ଜଣେ ନୌମୋବାଏ କହିଲେ ଯେ ମୋର ସମ୍ପର୍କ ତୁର୍କୀ ସହିତ ଅଛି । ମୁଁ ବୟତ୍ କରିସାରିଛି । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ-ଖୁଦାତାଲା ଆପଣଙ୍କର ଇମାନ୍, ଇକାନ୍ (ବିଶ୍ୱାସ) କୁ ମଜ୍‌ବୁତ୍ କରନ୍ତୁ ।

ଜଣେ ଆରବୀ ନୌମୋବାଏ କହିଲେ ଯେ ମୋତେ ଚର୍ମରୋଗର କଷ୍ଟ ଅଛି । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ ଅଲ୍ଲାଃତାଲା ଆପଣଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ ।

ଜଣେ ନୌମୋବାଏ କହିଲେ ଯେ ହଜୁର୍ ଦୁଆ କରନ୍ତୁ । ଶିରିଆ ଏବଂ ସମଗ୍ର ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇଯାଉ । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ମୁଁ ମୋ ଅଭିଭାଷଣ ଗୁଡିକରେ ଏବଂ ଖୁତ୍‌ବା ଜୁମ୍ମାରେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛି ।

ଆଉଜଣେ ନୌମୋବାଏ ପ୍ରଶ୍ନ କଲେ ଯେ ସାକ୍ଷାତ୍ କରିବା ପାଇଁ କଣ ଉପାୟ ଅଛି । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ ଆପଣ ନିଜର ଇନ୍ତେଜାମିଆ (ବ୍ୟବସ୍ଥାପିକା)ସହିତ ସମ୍ପର୍କ କରନ୍ତୁ । ସେମାନଙ୍କୁ ଏତେଲା ଦେଇଦିଅନ୍ତୁ । ଆପଣଙ୍କର ସାକ୍ଷାତ୍ ହୋଇଯିବ ।

ଆଉ ଜଣେ ନୌମୋବାଏ କହିଲେ କି ଆମ ଘରେ ଦୁଇମାସ ପରେ ପିଲା ଜନ୍ମ ହେବାର ଅଛି । ପିଲା ପାଇଁ ଏବଂ ମୋ ହିଦାୟତ୍ ପାଇଁ ଦୁଆ କରନ୍ତୁ । ମୁଁ ପୁଅର ନାମ ଅହେମଦ୍ ରଖିଛି । ପ୍ରଥମ ପୁଅର ନାମ ହେଉଛି ମହମ୍ମଦ୍ । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ ଅର୍ଥାତ୍ ଅଲ୍ଲାଃ କୃପା କରନ୍ତୁ ।

ପୁଣି ଜଣେ ନୌମୋବାଏ ପ୍ରଶ୍ନ କଲେ ଯେ ଇତାଅତ୍‌ର ଶିକ୍ଷା ଦିଆଯାଉଛି । ଇତାଅତ୍‌ର ସୀମା କଣ ? ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଉତମ କଥାର ଇତାଅତ୍ କରିବା ପାଇଁ ଶିକ୍ଷା ଦିଆଯାଉଛି । ଯାହାବି ଉତମ ଫଇସଲା ହେବ ତାର ଇତାଅତ୍ (ପାଳନକରିବା) କରିବା ଜରୁରୀ ଅଟେ । ଖୁଦାତାଲା ଶରୀୟତ୍ ଅବତୀର୍ଣ୍ଣ କରିଛନ୍ତି । ଶରୀୟତ୍‌ର ଶିକ୍ଷା ଏବଂ ତାର ନିର୍ଦ୍ଦେଶାବଳୀ ଗୁଡିକୁ ମାନିବା ଏବଂ ତା ଉପରେ ଅମଲ କରିବା ହେଉଛି ଇତାଅତ୍ । ଖୁଦାତାଲା କହୁଛନ୍ତି ଯେ ମୋର ଇତାଅତ୍ କର । ତେବେ ଖୁଦାତାଲାଙ୍କ ଦ୍ୱାରା ପ୍ରଣିତ ଶିକ୍ଷା ମୁତାବକ ଇବାଦତ୍(ଉପାସନା)କରିବା ହେଉଛି ଇତାଅତ୍ । ପବିତ୍ର କୋରାନ୍ ଯେଉଁ ନିର୍ଦ୍ଦେଶାବଳୀ ଗୁଡିକ ଦେଇଛି ଏବଂ ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ଉପଦେଶାବଳୀ ପ୍ରଦାନ କରିଛନ୍ତି ଓ ନିର୍ଦ୍ଦେଶାବଳୀ ଦେଇଛନ୍ତି, ଖଲିଫତୁଲ୍ ମସିହ୍ ଏହାକୁ ଛାଡ଼ି ଆଉ କିଛି କହିପାରିବେ ନାହିଁ । ତେବେ ଏହା ହେଉଛି ଇତାଅତ୍‌ର ନିର୍ଦ୍ଦେଶ । ଥରେ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ସୈନ୍ୟଦଳ ପଠାଇଲେ । ସେଥିରେ ଜଣକୁ ହାକିମ ବନାଇଲେ, ଯାହାର କଥାକୁ ଲୋକେ ଶୁଣିବେ ଏବଂ ତାଙ୍କର ଇତାଅତ୍ କରିବେ । ସେ ବ୍ୟକ୍ତି ଜଣକ ଗୋଟିଏ ସ୍ଥାନରେ ନିଆଁ ଲଗାଇଲେ ଏବଂ ନିଜ ସାଥିମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେମାନେ ଯାଇ ନିଆଁରେ ଡ଼େଇଁ ପଡ଼ନ୍ତୁ । କିଛି ଲୋକ ତାଙ୍କର ଏ କଥାକୁ ମାନିଲେ ନାହିଁ । ଓ କହିଲେ ଯେ ନିଆଁରୁ ବଂଚିବା ପାଇଁ ମୁସଲ୍‌ମାନ୍ ସୃଷ୍ଟି ହୋଇଛନ୍ତି । କିନ୍ତୁ କିଛି ଲୋକ ନିଆଁରେ ଡ଼େଇଁବା ପାଇଁ ପ୍ରସ୍ତୁତ ହୋଇଗଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ଏକଥା ଜଣାପଡ଼ିଲା ତେବେ ଆପଣ ସ:ଆ:ସ କହିଲେ ଯଦି ଏ ଲୋକମାନେ ନିଆଁରେ ଡ଼େଇଁପଡ଼ିଥାନ୍ତେ ତେବେ ସେମାନ ସବୁଦିନ ପାଇଁ ନିଆଁରେ ପଡ଼ି ରହିଥାନ୍ତେ । ତେଣୁ ଏହିପରି ଖୋଲାଖୋଲି ଭାବେ ପାପ ହେଉଥିବା କର୍ମର ଇତାଅତ୍ କରିବା ଉଚିତ୍ ନୁହେଁ । ହଜୁର୍ ଅନୁୱ୍ୱର୍ କହିଲେ ଆଜିକାଲି ତାଲିବାନ୍, ଦାଏଶ(ଆଇଏସ୍ ଆଇଏସ୍ ଆଇ) ଯେଉଁ ଅତ୍ୟାଚାର କରିବାର ହୁକୁମ୍ ଜାରି କରୁଛନ୍ତି ଯେ ଏପରି କର, ଡ଼େଇଁପଡ଼ ଇତ୍ୟାଦି ତେବେ ଏହାକୁ ମାନିବା ଇତାଅତ୍ ନୁହେଁ । ଏହାଦ୍ୱାରା ତ ଜହନ୍ନୁମ୍(ନର୍କପ୍ରାପ୍ତି)ହୋଇଥାଏ ।

ଜଣେ ନୌମୋବାଏ କହିଲେ ଯେ ମୁଁ ୨୭ ଏପ୍ରିଲ୍ ୨୦୧୭ ରେ ବୟତ୍ କରିଥିଲି । ମୁଁ ନିଜ ପାଇଁ ଦୁଆ କରିବା ନିମନ୍ତେ ଦରଖାସ୍ତ କରିବାକୁ ଚାହୁଁଛି । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ । ଅର୍ଥାତ୍ ଅଲ୍ଲାଃତାଲା କୃପା କରନ୍ତୁ ।

ଆଉ ଜଣେ ଆରବୀୟ ବନ୍ଧୁ କହିଲେ ଯେ ମୁଁ ଜଣେ ଅହେମଦୀ । ମୁଁ ଆଜି ହିଁ ବୟତ୍ କରିଛି । ଶିରିଆରେ ମୋ ଘର ଧ୍ୱଂସ ହୋଇଯାଇଛି । ସେଠି ମୋ ମା'ବାପା ଗାଡ଼ି ଭିତରେ ଶୋଉଛନ୍ତି । ମୁଁ ବି ତାଙ୍କ ସହିତ ଥିଲି କିନ୍ତୁ ଏଠାକୁ ବର୍ତମାନ ଚାଲି ଆସିଛି । ସେମାନଙ୍କ ପାଇଁ ସାହାଯ୍ୟ ଓ ଦୁଆ କରିବା ନିମନ୍ତେ ପ୍ରାର୍ଥନା କରୁଅଛି । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ-ଇନ୍‌ଶାଅଲ୍ଲାଃ, ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ ।

ଆଉଜଣେ ଶିରିଆର ନୌମୋବାଏ କହିଲେ ଯେ ଆମେ ଏଠାରେ ଦୁଇଭାଇ ଅଛୁ । ଆଉ ଦୁଇଜଣ ଭାଇ ତୁର୍କୀରେ ଅଛନ୍ତି । ମା' ବାପାଙ୍କ ଭିତରୁ ଜଣେ ଲେବ୍‌ନାନ୍ ରେ ଅଛନ୍ତି ଆଉଜଣେ ଶିରିଆରେ ଅଛନ୍ତି । ଦୁଆକରନ୍ତୁ ଯେ କିପରି ଆମେ ଏକାଠି ହୋଇଯାଉ ।

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

★ହଜୁର ଅନଓ୍ୱର ଅ.ବ କହିଲେ- **ମା କାନା ମୁହମ୍ମଦୁନ୍ ଆବା ଅହାଦିମ୍ ମିର୍ ରିଜାଲିକୁମ୍ ୱ୍ ଲାକିର୍ ରସୁଲଲ୍ଲାହି ୱ୍ ଖାତମନ୍ ନବିଇନ୍ ୱ୍ କାନାଲ୍ଲାହୁ ବିକୁଲ୍‌ଲି ଶୈଇନ୍ ଅଲିମ୍** (ଅହେଜାବ୍- ୪୧) ଅର୍ଥାତ ମହମ୍ମଦ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନୁହନ୍ତି କିନ୍ତୁ ସେ ଅଲ୍ଲାଃଙ୍କ ରସୁଲ୍ ଅଟନ୍ତି ଏବଂ ସମସ୍ତ ନବୀମାନଙ୍କର ମୋହର ଅଟନ୍ତି ଏବଂ ଅଲ୍ଲାଃ ସବୁ ବିଷୟ ଭଲଭାବରେ ଜାଣନ୍ତି ।

★ପାକିସ୍ତାନରେ ସମୟ ସମୟରେ କୌଣସି ନା କୌଣସି ବାହାନାରେ ଅହେମଦିମାନଙ୍କ ବିରୋଧରେ ରାଜନେତା ଓ ମୌଲବିମାନେ ନିଜର (ମନର) ମଳିନତା ପ୍ରକାଶ କରିଥାନ୍ତି । ସେମାନଙ୍କ ମତରେ ଏହା ମୁସଲମାନମାନଙ୍କୁ ନିଜ ଅନୁଗାମୀ କରିବା, ନିଜ ସହ ଏକମତ କରିବା ଏବଂ ଖ୍ୟାତି ଅର୍ଜନ କରିବାର ସବୁଠାରୁ ସରଳ ଉପାୟ ଅଟେ ଏବଂ ମୁସଲମାନମାନଙ୍କ ଭାବନାକୁ ଉତେଜିତ କରିବାର ସବୁଠାରୁ ବଡ଼ ଅସ୍ତ୍ର ଖତ୍‌ମେ ନବୁଓ୍ୱତ୍‌ର ଅସ୍ତ୍ର ଅଟେ ।

★ଅନେକ ଆରବବାସୀ ଯେତେବେଳେ ସତ୍ୟାସତ୍ୟ ଜାଣି ଅହେମଦିୟତ୍‌ରେ ଯୋଗଦେଇଥାନ୍ତି । ସେମାନେ ଏକଥା କହିଥାନ୍ତି କି ଯେତେବେଳେ ଆମେ ନିଜ ମୌଲାନାମାନଙ୍କୁ ଜମାଅତ ସଂକ୍ରାନ୍ତରେ ସେମାନଙ୍କ ବିଚାର ପଚାରୁ ସେମାନେ କହିଥାନ୍ତି କି ଅହେମଦିମାନେ ତ କୋରାନକୁ ସ୍ୱୀକାର କରନ୍ତି ନାହିଁ । ସେମାନେ ନିଜର ଏକ କୋରାନ ତିଆରି କରିଛନ୍ତି । ସେମାନେ ହଜୁର ସ.ଆଙ୍କୁ **ଖାତମୁନ୍ ନବିଇନ୍** ସ୍ୱୀକାର କରୁନାହାନ୍ତି । ବରଂ ମିର୍ଜା ସାହେବଙ୍କୁ ଅନ୍ତିମ ନବୀ ମାନୁଛନ୍ତି ।

★ଏହା କିଭଳି ସମ୍ଭବ କି ଆମେ ପବିତ୍ର କୋରାନ ଓ ହଜରତ ମହମ୍ମଦ ସ.ଆଙ୍କ **ଖାତମୁନ୍ ନବିଇନ୍** ସ୍ୱୀକାର କରିବୁ ନାହିଁ ଯେତେବେଳେ କି ହଜରତ ମସିହ ମଉଦ ଆ.ସ ନିଜ ଐଶ୍ୱରିକବାଣୀ ଆଧାରରେ ପବିତ୍ର କୋରାନକୁ ଅଲ୍ଲାଃଙ୍କ ପୁସ୍ତକ କହିଛନ୍ତି ଏବଂ ତାହାକୁ ସମସ୍ତ ପ୍ରକାରର କଲ୍ୟାଣର ଉତ୍ସ କହିଛନ୍ତି । ହଜରତ ମହମ୍ମଦ ସ.ଆଙ୍କୁ ଖାତମୁନ୍ ନବୀ କହିଛନ୍ତି । ଅତଃ ପବିତ୍ର କୋରାନ ସଂକ୍ରାନ୍ତରେ ଆପଣଙ୍କର ଏକ ଐଶ୍ୱରିକବାଣୀ ରହିଛି **ଅଲ୍‌ଖୈରୁ କୁଲ୍‌ଲୁହୁ ଫିଲ୍ କୁରଆନ୍** ଅର୍ଥାତ ସମସ୍ତ ପ୍ରକାରର କଲ୍ୟାଣ କୋରାନରେ ଅନ୍ତର୍ନିହିତ ରହିଛି ।

★ଯଦି ଆମେ ହଜରତ ମସିହ ମଉଦ ଆ.ସଙ୍କ ଐଶ୍ୱରିକବାଣୀକୁ **ନଉଜୁବିଲ୍ଲାଃ** ପବିତ୍ର କୋରାନଠାରୁ ଶ୍ରେଷ୍ଠ ମଣୁଅଛୁ ତେବେ ଆମେ ପବିତ୍ର କୋରାନର ଅନୁବାଦ (ବିଭିନ୍ନ ଭାଷାରେ) କରିବା ସହିତ ଅର୍ଥ ବଳୀଦାନ୍ କରି ତାହାର ପ୍ରକାଶନ କାହିଁକି କରୁଅଛୁ ବରଂ ତାହା ପରିବର୍ତେ ଆମେ ହଜରତ ମସିହ ମଉଦ ଆ.ସଙ୍କ ଐଶ୍ୱରିକବାଣୀର ପ୍ରକାଶନ (କାର୍ଯ୍ୟ) କରନ୍ତୁ ।

★**ଖାତମୁନ୍ ନବିଇନ୍**ର ପ୍ରକୃତ ଅର୍ଥ ଓ ତାହାର ଆତ୍ମାକୁ ଆମେ ଅହେମଦିମାନେ ହିଁ ବୁଝିଛୁ । ହଜୁର ସ.ଆଙ୍କ **ଖାତମୁନ୍ ନବିଇନ୍** ହେବାର ପ୍ରକାଶନ ବିଭିନ୍ନ ଦେଶରେ ସେଠାକାର ସ୍ଥାନୀୟ ଭାଷାରେ ଅହେମଦିମାନେ ହିଁ କରିଥାନ୍ତି । ତଥାପି ସେମାନେ ଆପତି କରିଥାନ୍ତି କି **ନଉଜୁବିଲ୍ଲାଃ** ଅହେମଦିମାନେ **ଖାତମୁନ୍ ନବିଇନ୍**ର ଅମାନ୍ୟକାରୀ ଅଟନ୍ତି ।

★ଆମକୁ ଅଲ୍ଲାଃତାଲା ସେହି ନବୀ ପ୍ରଦାନ କରିଛନ୍ତି ଯେ ଖାତମୁଲ୍ ମୁମିନିନ୍ , ଖାତମୁଲ୍ ଆରିଫିନ୍ ଓ ଖାତମୁନ୍ ନବୀଇନ୍ ଅଟନ୍ତି ଏବଂ ସେହିପରି ସେହି ପୁସ୍ତକ ଅବତୀର୍ଣ୍ଣ କଲେ ଯାହାକି ସମସ୍ତ ପୁସ୍ତକର ସମାହାର ଏବଂ **ଖାତମୁଲ୍ କିତାବ** ଅଟେ ।

★ଆଜି ଜମାଅତ ଅହେମଦିଆ ନିଜର ସମସ୍ତ ଶକ୍ତି ଓ ମାଧ୍ୟମ ଦ୍ୱାରା ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ନବୁଓ୍ୱତ୍‌କୁ ବିଶ୍ୱର ପ୍ରତ୍ୟେକ ବସ୍ତି, ଗ୍ରାମ ଓ ଗଳିକନ୍ଦିରେ ପ୍ରସାରିତ କରୁଅଛି । ସୁତରାଂ ଆମ୍ଭେ **ଖତ୍‌ମେ ନବୁଓ୍ୱତ୍** ଓ ଆପଣଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶରିୟତ୍‌ର ପ୍ରକୃତ ମର୍ମ ବୁଝିଛୁ ଏବଂ ହଜରତ ମସିହ ମଉଦ ଆ.ସ ହିଁ ଅଟନ୍ତି ।

★ଆଜିକାଲିର ମୌଲବୀମାନେ ପରସ୍ପର ଉପରେ ଅଭିଯୋଗ ଲଗାଉଛନ୍ତି କିନ୍ତୁ ଏହି ଦୁଃସାହସ ନାହିଁ କି ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ସେମାନଙ୍କ (ବିକୃତ) ଚେହେରା ଦେଖାଇ ସେମାନଙ୍କ ଦୁର୍ବଳତା ଦେଖାଇ ହଜରତ ମହମ୍ମଦ ସ.ଆଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିବା ।

★ଆକାଶ ତଳେ ହଜରତ ମହମ୍ମଦ ସ.ଆଙ୍କ ବ୍ୟତୀତ ବର୍ତମାନ କେହି ନବୀ ନାହାନ୍ତି ଏବଂ ପବିତ୍ର କୋରାନ ବ୍ୟତୀତ କୌଣସି ପୁସ୍ତକ ନାହିଁ ଏବଂ ଯେ କେହି ଏହାର ବିରୁଦ୍ଧାଚରଣ ପ୍ରଦର୍ଶନ କରିବ ସେ ନିଜକୁ ନର୍କ ଆଡ଼କୁ ଟାଣିନେଲା ।

★ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଏହିପରି ଅହେମଦିଙ୍କ ଉପରେ ଆପତି କରାଯାଉଅଛି କି ଏମାନେ (ଇସଲାମ)ଧର୍ମର ସେବା କରୁନାହାନ୍ତି ଏବଂ ଏମାନେ ଇସଲାମର ବିଶ୍ୱସ୍ତ ନୁହନ୍ତି ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]

## (ପ୍ରଦତ୍ତ: ୧୩ ଅକ୍ଟୋବର ୨୦୧୭ ଅନୁଯାୟୀ ୧୩ ଇଖା ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ

اَلْحَمْدُ لِلّٰهِ رَبِّ الْعَالَمِينَ ۔ اَلرَّحْمٰنِ الرَّحِيمِ ۔ مٰلِكِ يَوْمِ الدِّينِ ۔ إِيَّاكَ نَعْبُدُ وَإِيَّاكَ نَسْتَعِينُ ۔

اِهْدِنَا الصِّرَاطَ الْمُسْتَقِيمَ ۔ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ۔

ତଶହୁଦ, ତଉଜ୍ ଓ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ- **ମା କାନା ମୁହମ୍ମଦୁନ୍ ଆବା ଅହାଦିମ୍ ମିର୍ ରିଜାଲିକୁମ୍ ୱ୍ ଲାକିର୍ ରସୁଲଲ୍ଲାହି ୱ୍ ଖାତମନ୍ ନବିଇନ୍ ୱ୍ କାନାଲ୍ଲାହୁ ବିକୁଲ୍‌ଲି ଶୈଇନ୍ ଅଲିମ୍** (ଅହେଜାବ୍- ୪୧) ଅର୍ଥାତ ମହମ୍ମଦ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନୁହନ୍ତି କିନ୍ତୁ ସେ ଅଲ୍ଲାଃଙ୍କ ରସୁଲ୍ ଅଟନ୍ତି ଏବଂ ସମସ୍ତ ନବୀମାନଙ୍କର ମୋହର ଅଟନ୍ତି ଏବଂ ଅଲ୍ଲାଃ ସବୁ ବିଷୟ ଭଲଭାବରେ ଜାଣନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ପାକିସ୍ତାନରେ ସମୟ ସମୟରେ କୌଣସି ନା କୌଣସି ବାହାନାରେ ଅହେମଦିମାନଙ୍କ ବିରୋଧରେ ରାଜନେତା ଓ ମୌଲବିମାନେ ନିଜର (ମନର) ମଳିନତା ପ୍ରକାଶ କରିଥାନ୍ତି । ସେମାନଙ୍କ ମତରେ ଏହା ମୁସଲମାନମାନଙ୍କୁ ନିଜ ଅନୁଗାମୀ କରିବା, ନିଜ ସହ ଏକମତ କରିବା ଏବଂ ଖ୍ୟାତି ଅର୍ଜନ କରିବାର ସବୁଠାରୁ ସରଳ ଉପାୟ ଅଟେ ଏବଂ ମୁସଲମାନମାନଙ୍କ ଭାବନାକୁ ଉତେଜିତ କରିବାର ସବୁଠାରୁ ବଡ଼ ଅସ୍ତ୍ର ଖତ୍‌ମେ ନବୁଓ୍ୱତ୍‌ର ଅସ୍ତ୍ର ଅଟେ । ସୁତରାଂ ଯେତେବେଳେ କୌଣସି ରାଜନୈତିକ ଦଳର ଛବି କଳୁସିତ ହୋଇଥାଏ କିମ୍ବା କୌଣସି ରାଜନେତାଙ୍କ ରୂପରେଖା ଏବଂ ସ୍ତର ନିମ୍ନଗାମୀ ହୋଇଥାଏ ତଥା ନାମକୁ ମାତ୍ର ଧାର୍ମିକ ସଂସ୍ଥା ରାଜନୈତିକ ଖ୍ୟାତି ଅର୍ଜନ କରିବାକୁ ଚେଷ୍ଟା କରନ୍ତି, ଅନ୍ୟ ସଂସ୍ଥା ଅନ୍ୟ ରାଜନୈତିକ ଦଳ କିମ୍ବା ରାଜନେତା ତାହାକୁ ନିଚା ଦେଖାଇବା ପାଇଁ ଅହେମଦିମାନଙ୍କ ସହ ତାଙ୍କର ସମ୍ପର୍କ ଯୋଡ଼ି କହିଥାନ୍ତି କି ଦେଖ କିଭଳି ଅତ୍ୟାଚାର ହେଉଅଛି । ବହିର୍ଦେଶୀୟ ଶକ୍ତିମାନଙ୍କ ପ୍ରଭାବରେ ଏମାନେ ଅହେମଦିମାନଙ୍କୁ

ମୁସଲମାନମାନଙ୍କ ସହ ସାମିଲ୍ କରିଥାନ୍ତି । ଯେତେବେଳେ ଅହେମଦିମାନେ ସେମାନଙ୍କ ମତରେ ଖତ୍‌ମେ ନବୁଓ୍ୱତର ଅମାନ୍ୟକାରୀ ଅଟନ୍ତି । ନାମକୁ ମାତ୍ର ଇସଲାମର ଦରଦ ରଖୁଥିବା ଏପରି ବ୍ୟକ୍ତିଗଣ କହିଥାନ୍ତି ଆମେ ହଜରତ ମହମ୍ମଦ ସ.ଆଙ୍କ ମର୍ଯ୍ୟାଦା ହାନୀ କରିବାକୁ କାହାରିକୁ ତିଳେ ମାତ୍ର ସୁଯୋଗ ଦେବୁ ନାହିଁ ଏବଂ କଦାପି ଏଭଳି ଅତ୍ୟାଚାର ହେବାକୁ ଦେବୁ ନାହୁଁ । ସମସ୍ତଙ୍କ ନିଜ ନିଜର ରାଜନୈତିକ ଏଜେଣ୍ଡା ରହିଛି । ଅଣସରକାରୀ ସଦସ୍ୟ ଏବଂ ସରକାରୀ ସଭ୍ୟବୃନ୍ଦ ଅହେମଦିମାନଙ୍କ ବିରୋଧରେ ବଢିଚଢି କହିଥାନ୍ତି । ଅତଏବ କିଛି ଦିନ ପୂର୍ବେ ପାକିସ୍ତାନର ଜାତୀୟ ବିଧାନସଭାରେ ସରକାର ଓ ବିରୋଧି ଦଳର ସଦସ୍ୟମାନେ ନିଜ ସ୍ୱାର୍ଥ ହାସଲ କରିବା ନିମନ୍ତେ ସାମ୍ବିଧାନିକ ଆଇନରେ ଏକ ପରିବର୍ତନ କଲେ ଉକ୍ତ ଆଇନ୍‌ରେ ମଧ୍ୟ ସେହି ସବୁକିଛି ଦେଖିବାକୁ ମିଳୁଅଛି । ଯେଉଁପର୍ଯ୍ୟନ୍ତ ଅହେମଦିୟା ଜମାଅତର ସମ୍ପର୍କ ରହିଛି ନା ଆମେ କୌଣସି ବହିର୍ଦେଶୀୟ ଶକ୍ତିକୁ କଦାଚିତ୍ କହିଛୁ କି ପକିସ୍ତାନର ବିଧାନସଭାରେ ଗୃହୀତ ଆଇନ୍‌ରେ ପରିବର୍ତନ କରି ଆମକୁ ଆଇନ୍ ଦୃଷ୍ଟିରେ ମୁସଲମାନ ଆଖ୍ୟା ଦିଆଯାଉ ନା ଆମେ କୌଣସି ପାକିସ୍ତାନୀ ପ୍ରଶାସନକୁ କଦାଚିତ ଭିକ ମାଗିଛୁ, ନା ଆମକୁ କୌଣସି ବିଧାନସଭା କିମ୍ବା ପ୍ରଶାସନଠାରୁ ନିଜକୁ ମୁସଲମାନ କହିବା ପାଇଁ ପ୍ରମାଣ ପତ୍ରର ଆବଶ୍ୟକତା ଲୋଡ଼ା । ଆମେ ନିଜକୁ ମୁସଲମାନ କହୁଛୁ କାରଣ ଆମେ ମୁସଲମାନ ଅଟୁ । ଆମକୁ ଅଲ୍ଲାଃ ଓ ତାଙ୍କ ରସୁଲ ମୁସଲମାନ କହିଛନ୍ତି । ଆମେ **ଲାଇଲାହା ଇଲ୍‌ଲ୍ଲାଃ ମହମ୍ମଦରୁ ରସୁଲୁଲ୍ଲାଃ** କଲମା ପାଠ କରୁଅଛୁ ଏବଂ ଆମେ ଇସଲାମ ଓ ଇମାନର ସମସ୍ତ ବିଭାଗ ଉପରେ ବିଶ୍ୱାସ ରଖୁଛୁ । ଆମେ ପବିତ୍ର କୋରାନକୁ (ଅଲ୍ଲାଃଙ୍କ) ପୁସ୍ତକ ସ୍ୱୀକାର କରୁଛୁ ଏବଂ ହଜରତ ମହମ୍ମଦ ସ.ଆଙ୍କୁ **ଖାତମୁନ୍ ନବିଈନ୍** ସ୍ୱୀକାର କରୁଛୁ ଯେପରି ପବିତ୍ର କୋରାନରେ ଅଲ୍ଲାଃତାଲା କହିଛନ୍ତି ଯାହା ମୁଁ ଉପରେ ପାଠ କରିଆସିଲି ଓ ଆମେ ଏଥିରେ ପୂର୍ଣ୍ଣ ନିଷ୍ଠାର ସହ ବିଶ୍ୱାସ ରଖୁଛୁ କି ହଜରତ ମହମ୍ମଦ ସ.ଆ **ଖାତମୁନ୍ ନବିଈନ୍** ଅଟନ୍ତି । ମୋ ଓ ମୋ ଜମାଅତ ଉପରେ ଆପତି କରାଯାଉଛି କି ଆମେ ହଜରତ ମହମ୍ମଦ ସ.ଆଙ୍କୁ **ଖାତମୁନ୍ ନବିଈନ୍** ସ୍ୱୀକାର କରୁ ନାହୁଁ । ଏହା ଆମ ଉପରେ ଅତ୍ୟନ୍ତ ନିଛ ଓ ଘୃଣା ଯୋଗ୍ୟ ଆରୋପ ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ- ଅନେକ ଆରବବାସୀ ଯେତେବେଳେ ସତ୍ୟାସତ୍ୟ ଜାଣି ଅହେମଦିୟତ୍‌ରେ ଯୋଗଦେଇଥାନ୍ତି । ସେମାନେ ଏକଥା କହିଥାନ୍ତି କି ଯେତେବେଳେ ଆମେ ନିଜ ମୌଲାନାମାନଙ୍କୁ ଜମାଅତ ସଂକ୍ରାନ୍ତରେ ସେମାନଙ୍କ ବିଚାର ପଚାରୁ ସେମାନେ କହିଥାନ୍ତି କି ଅହେମଦିମାନେ ତ କୋରାନକୁ ସ୍ୱୀକାର କରନ୍ତି ନାହିଁ । ସେମାନେ ନିଜର ଏକ କୋରାନ ତିଆରି କରିଛନ୍ତି । ସେମାନେ ହଜୁର ସ.ଆଙ୍କୁ **ଖାତମୁନ୍ ନବିଈନ୍** ସ୍ୱୀକାର କରୁନାହାନ୍ତି । ବରଂ ମିର୍ଜା ସାହେବଙ୍କୁ ଅନ୍ତିମ ନବୀ ମାନୁଛନ୍ତି ।  ସେମାନଙ୍କର ହଜ ଭିନ୍ନ ପ୍ରକାରର, ସେମାନେ ହଜ କରିନଥାନ୍ତି । ସେମାନଙ୍କ କିବଲା ଭିନ୍ନ, ସେମାନେ ନମାଜ ପାଠ କଲାବେଳେ ଖାନା କାବା ଦିଗକୁ ମୁହଁ କରିନଥାନ୍ତି । ଉକ୍ତ ନୂତନ ଅହେମଦିମାନେ କହିଲେ ଯେତେବେଳେ ଆମେ ପଡ଼ତାଲ କରୁ ସେତେବେଳେ ସେହି ମୌଲବିମାନଙ୍କ ଗୁମର ଖୋଲିଥାଏ ଏବଂ ଅଣଅହେମଦି ମୌଲବିମାନେ ନିଜ ମିଥ୍ୟାବଚନ ଯୋଗୁଁ ନିଜ ଲୋକମାନଙ୍କ ଅହେମଦି ହେବାର ମାଧ୍ୟମ ସାଜିଥାନ୍ତି । ଦେଖିବାକୁଗଲେ ଏପରି ମୌଲବିମାନଙ୍କ ମିଛ ଦ୍ୱାରା ଆମ ପ୍ରଚାର କାର୍ଯ୍ୟ ହୋଇଯାଇଥାଏ ।

ଏହା କିଭଳି ସମ୍ଭବ କି ଆମେ ପବିତ୍ର କୋରାନ ଓ ହଜରତ ମହମ୍ମଦ ସ.ଆଙ୍କ **ଖାତମୁନ୍ ନବିଈନ୍** ସ୍ୱୀକାର କରିବୁ ନାହୁଁ ଯେତେବେଳେ କି ହଜରତ ମସିହ ମଉଦ ଆ.ସ ନିଜ ଐଶ୍ୱରିକବାଣୀ ଆଧାରରେ ପବିତ୍ର କୋରାନକୁ ଅଲ୍ଲାଃଙ୍କ ପୁସ୍ତକ କହିଛନ୍ତି ଏବଂ ତାହାକୁ ସମସ୍ତ ପ୍ରକାରର କଲ୍ୟାଣର ଉତ୍ସ କହିଛନ୍ତି । ହଜରତ ମହମ୍ମଦ ସ.ଆଙ୍କୁ ଖାତମୁନ୍ ନବୀ କହିଛନ୍ତି । ଅତଃ ପବିତ୍ର କୋରାନ ସଂକ୍ରାନ୍ତରେ ଆପଣଙ୍କର ଏକ ଐଶ୍ୱରିକବାଣୀ ରହିଛି **ଅଲ୍‌ଖୈରୁ କୁଲ୍‌ଲୁହୁ ଫିଲ୍ କୁରଆନ୍** ଅର୍ଥାତ ସମସ୍ତ ପ୍ରକାରର କଲ୍ୟାଣ କୋରାନରେ ଅନ୍ତର୍ନିହିତ ରହିଛି । ଏହିପରି ଆପଣ କହିଲେ ଯେ କୋରାନକୁ ସମ୍ମାନ ଦେବ ସେ ଆକାଶରେ ସମ୍ମାନ ପାଇବ । ଏଭଳି କହିନାହାନ୍ତି କି ମୋ ଐଶ୍ୱରିକବାଣୀକୁ ସମ୍ମାନ ଦିଅ । ଆପଣଙ୍କ ଐଶ୍ୱରିକବାଣୀ ପବିତ୍ର କୋରାନର ସେବକ ଅଟେ । ସେଗୁଡ଼ିକର କୌଣସି ଭିନ୍ନ ଓ ସ୍ଥାୟୀ ମହତ୍ୱ ନାହିଁ । ଯେଭଳି (ବ୍ୟକ୍ତିଗତ) ଉପକାର ଓ ସମାଜକଲ୍ୟାଣ ମୂଳକ (କାର୍ଯ୍ୟ)ର ସମାଧାନ ଖୋଜିବାର ଅଛି ତାହା କୋରାନରୁ ହାସଲ ହୋଇଥାଏ । ହଜରତ ମସିହ ମଉଦ ଆ.ସଙ୍କର ଅନେକ ଐଶ୍ୱରିକବାଣୀ ଏହାର ସ୍ପଷ୍ଟିକରଣ ଓ ବ୍ୟାଖ୍ୟା କରୁଅଛି । ଏହିପରି ହଜରତ ମହମ୍ମଦ ସ.ଆଙ୍କ **ଖାତମୁନ୍ ନବିଈନ୍** ହେବା ସଂକ୍ରାନ୍ତରେ ହଜରତ ମସିହ ମଉଦ ଆ.ସଙ୍କର ଅସଂଖ୍ୟ ଲେଖାରହିଛି । ଏତତ୍ ବ୍ୟତୀତ ଖାତମିନ୍ ନବୀଇନ୍ ହେବା ସମ୍ବନ୍ଧରେ ଏହି ଲେଖା ରହିଛି **ସଲ୍‌ଲିଆଲା ମୁହମ୍ମଦିଉଁ ୱ ଆଲି ମହମ୍ମଦିନ୍ ସୟିଦି ଉଲ୍‌ଦି ଆଦମ୍ ୱ ଖାତମୁନ୍ ନବିଈନ୍** ।

ଅର୍ଥାତ ଏହି ଦରୁଦ୍ ହଜରତ ମହମ୍ମଦ ସ.ଆ ଓ ତାଙ୍କର ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ  ପାଠ କର ଯେ ଆଦମଙ୍କ ସନ୍ତାନମାନଙ୍କର ସରଦାର  ଓ ଖାତମୁଲ୍ ଅମ୍ବିଆ ଅଟନ୍ତି ଏବଂ ଏହି ଐଶ୍ୱରିକବାଣୀ ହଜୁର ଆ.ସଙ୍କୁ ୨/୩ ଥର ବିଭିନ୍ନ ସମୟରେ ହେଇଛି । ପୁଣି ଏହି ଐଶ୍ୱରିକବାଣି ମଧ୍ୟ ରହିଛି କି **କୁଲ୍ଲୁ ବରକତିନ୍ ମିନ୍ ମୁହମ୍ମଦ ସଲ୍‌ଲ୍ଲାହୁ ଆଲୈହି ୱ ସଲାମ୍** ଅର୍ଥାତ ସମସ୍ତ ପ୍ରକାରର ବରକତ୍ ମହମ୍ମଦ ସ.ଆଙ୍କ ତରଫରୁ ଆସିଥାଏ । ପୁନଃ ହଜୁର ଆ.ସ ନିଜ ପୁସ୍ତକ ତଜଲ୍ଲିୟାତେ ଇଲାହିୟାରେ ଲେଖିଛନ୍ତି ଯଦି ମୁଁ ହଜରତ ମହମ୍ମଦ ସ.ଆଙ୍କ ସମ୍ପ୍ରଦାୟର ହୋଇନଥାନ୍ତି ଏବଂ ଆପଣଙ୍କ ଅନୁଗାମୀ ହୋଇନଥାନ୍ତି ତେବେ ଯଦି ସଂସାରର ସମସ୍ତ ପାହାଡ଼ ପର୍ବତ ସମ ମୋର ଅମଳ ହୋଇଥାନ୍ତା ତେବେ ମଧ୍ୟ ମୁଁ ଏହି **ଶରଫେ ମୁକାଲମା ଓ ମୁଖାତିବା** (ଅଲ୍ଲାଃଙ୍କ ସହ ବାର୍ତାଳାପର) ସୌଭାଗ୍ୟ ଅର୍ଜନ କରିପାରିନଥାନ୍ତି କାରଣ ବର୍ତମାନ ହଜରତ ମହମ୍ମଦ ସ.ଆଙ୍କ ବ୍ୟତୀତ ସମସ୍ତ ନବୁଓ୍ୱତର ଦ୍ୱାର ବନ୍ଦ ହୋଇଯାଇଛି ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ହଜରତ ମସିହ ମଉଦ ଆ.ସ ମଧ୍ୟ ହଜରତ ମହମ୍ମଦ ସ.ଆଙ୍କ ଅଧିନସ୍ତ ଅଟନ୍ତି ଏବଂ ଆପଣଙ୍କ ଐଶ୍ୱରିକବାଣୀ ମଧ୍ୟ ପବିତ୍ର କୋରାନର ଅଧିନ ଓ ତାହାର ବ୍ୟାଖ୍ୟା ଅଟେ । ଯଦି ଆମେ ହଜରତ ମସିହ ମଉଦ ଆ.ସଙ୍କ ଐଶ୍ୱରିକବାଣୀକୁ **ନଉଜୁବିଲ୍ଲାଃ** ପବିତ୍ର କୋରାନଠାରୁ ଶ୍ରେଷ୍ଠ ମଣୁଅଛୁ ତେବେ ଆମେ ପବିତ୍ର କୋରାନର ଅନୁଦାବ (ବିଭିନ୍ନ ଭାଷାରେ) କରିବା ସହିତ ଅର୍ଥ ବଳୀଦାନ୍ କରି ତାହାର ପ୍ରକାଶନ କାହିଁକି କରୁଅଛୁ ବରଂ ତାହା ପରିବର୍ତେ ଆମେ ହଜରତ ମସିହ ମଉଦ ଆ.ସଙ୍କ ଐଶ୍ୱରିକବାଣୀର ପ୍ରକାଶନ (କାର୍ଯ୍ୟ) କରନ୍ତୁ । ବର୍ତମାନ ସୁଧା ୭୫ ଭାଷାରେ ପବିତ୍ର କୋରାନର ଅନୁବାଦ ପ୍ରକାଶ ପାଇସାରିଲାଣି ଏବଂ ଆଉ କିଛି ଭାଷାରେ (ଅନୁବାଦ) କାମ ଚାଲିଛି ଏବଂ ୧୧୧ ଭାଷାରେ ପବିତ୍ର କୋରାନର ବିଭିନ୍ନ ପକ୍ତିଂର ଅନୁବାଦ ପ୍ରକାଶିତ ହୋଇସାରିଛି । ବଡ଼ ବଡ଼ ଇସଲାମୀୟ ଦେଶ ତଥା ବଡ଼ ବଡ଼ ଧନିକ ଧାର୍ମିକ ସଂସ୍ଥା କୁହନ୍ତୁ ତ ସେମାନେ କେତେ ଭାଷାରେ ପବିତ୍ର କୋରାନର ଭାଷାନ୍ତର ପ୍ରକାଶିତ କରିଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- **ଖାତମୁନ୍ ନବିଈନ୍**ର ପ୍ରକୃତ ଅର୍ଥ ଓ ତାହାର ଆତ୍ମାକୁ ଆମେ ଅହେମଦିମାନେ ହିଁ ବୁଝିଛୁ । ହଜୁର ସ.ଆଙ୍କ **ଖାତମୁନ୍ ନବିଈନ୍** ହେବାର ପ୍ରକାଶନ ବିଭିନ୍ନ ଦେଶରେ ସେଠାକାର ସ୍ଥାନୀୟ ଭାଷାରେ ଅହେମଦିମାନେ ହିଁ କରିଥାନ୍ତି । ତଥାପି ସେମାନେ ଆପତି କରିଥାନ୍ତି କି **ନଉଜୁବିଲ୍ଲାଃ** ଅହେମଦିମାନେ **ଖାତମୁନ୍ ନବିଈନ୍**ର ଅମାନ୍ୟକାରୀ ଅଟନ୍ତି । ହଜରତ ମସିହ ମଉଦ ଆ.ସ ଆମକୁ ଖତମେ ନବୁଓ୍ୱତର ଯଥାର୍ଥ ଓ ସତ୍ୟାସତ୍ୟ ଏଭଳି ବୁଝାଇଦେଇଛନ୍ତି ଯାହାର ନିକଟରେ ଏମାନେ ଯେ ଖତ୍‌ମେ ନବୁଓ୍ୱତ୍‌ର ପତକା ଉତୋଳନକରିବାର ଘୋଷଣା କରୁଛନ୍ତି, ପହଂଚିପାରିବେ ନାହିଁ । ହଜରତ ମସିହ ମଉଦ ଆ.ସ କୁହନ୍ତି-

ଏହା ମଧ୍ୟ ମନେରଖନ୍ତୁ   ମୋ ଓ ମୋ ଜମାଅତ ଉପରେ ଆପତି କରାଯାଉଛି କି ଆମେ ହଜରତ ମହମ୍ମଦ ସ.ଆଙ୍କୁ **ଖାତମୁନ୍ ନବିଈନ୍** ସ୍ୱୀକାର କରୁ ନାହୁଁ । ଏହା ଆମ ଉପରେ ବହୁତ ବଡ଼ ଆରୋପ ଅଟେ । ଆମେ ଯେଉଁ ପୂର୍ଣ୍ଣ ବିଶ୍ୱାସର ଶକ୍ତି, ବିବେକ ଏବଂ ବୁଦ୍ଧିମତାର ସହ ହଜରତ ମହମ୍ମଦ ସ.ଆଙ୍କୁ ଖାତମୁନ୍ ନବୀ ସ୍ୱୀକାର ଓ ବିଶ୍ୱାସ କରୁଅଛୁ ତାହାର ଏକ ଲକ୍ଷାଂଶ ମଧ୍ୟ ଅଣଅହେମଦିମାନେ କରୁନାହାନ୍ତି । ତାଙ୍କର ଏପରି (ବୁଝିବାର) କ୍ଷମତା ହିଁ ନାହିଁ । ସେମାନେ ଖାତମୁନ୍ ନବୀର ବାସ୍ତବିକତା ଓ ରହସ୍ୟକୁ କେବଳ ଅନ୍ତିମ ନବୀ ଅର୍ଥରେ ବୁଝିଥାନ୍ତି । ସେମାନେ କେବଳ ନିଜ ବାପଅଜାଙ୍କଠାରୁ ଗୋଟିଏ ଶବ୍ଦ ଶୁଣିଛନ୍ତି କିନ୍ତୁ ତାହା କ'ଣ ତାହାର ସତ୍ୟାସତ୍ୟ ଏବଂ ତାହା ଉପରେ ବିଶ୍ୱାସ ଆଣିବା ଅର୍ଥ ସମ୍ବନ୍ଧରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ । କିନ୍ତୁ ଆମେ ନିର୍ମଳ ଓ ସ୍ୱଚ୍ଛରୂପେ ବିଶ୍ୱାସ ରଖୁଛୁ ଯେ, ହଜରତ ମହମ୍ମଦ ସ.ଆ **ଖାତମୁନ୍ ନବୀ** ଅଟନ୍ତି । ଅଲ୍ଲାଃତାଲା ଆମ୍ଭ ଉପରେ **ଖତ୍‌ମେ ନବିଓ୍ୱତର** ରହସ୍ୟ ଏଭଳି ଖୋଲିଦେଇଛନ୍ତି କି ସେହି ପ୍ରକାଶର ଶର୍‌ବତ ଯାହାକି ଆମକୁ ପାନ କରାଯାଇଛି । ସେଥିରୁ ଆମେ ବିଶେଷ ତୃପ୍ତି ଲାଭ କରୁଅଛୁ । ଯାହାର କେହି କଳନା ମଧ୍ୟ କରିପାରିବେ ନାହିଁ କେବଳ ସେହି ଲୋକମାନଙ୍କ ବ୍ୟତୀତ ଯେ ଏହି ଝରଣାରୁ ନିଜର ଶୋଷ ମେଂଟାଇବେ ।

ପୁଣି **ଖତ୍‌ମେ ନବୁଓ୍ୱତର** ସତ୍ୟାସତ୍ୟ ବର୍ଣ୍ଣାନା କରି ହଜୁର ଆ.ସ କୁହନ୍ତି- ଆମ୍ଭକୁ ଅଲ୍ଲାଃତାଲା ସେହି ନବୀ ପ୍ରଦାନ କରିଛନ୍ତି ଯେ ଖାତମୁଲ୍ ମୁମିନିନ୍ , ଖାତମୁଲ୍ ଆରିଫିନ୍ ଓ ଖାତମୁନ୍ ନବୀଇନ୍ ଅଟନ୍ତି ଏବଂ ସେହିପରି ସେହି ପୁସ୍ତକ ଅବତୀର୍ଣ୍ଣ କଲେ ଯାହାକି ସମସ୍ତ ପୁସ୍ତକର ସମାହାର ଏବଂ **ଖାତମୁଲ୍ କିତାବ** ଅଟେ । ହଜରତ ମହମ୍ମଦ ସ.ଆ ଯେ **ଖାତମୁନ୍ ନବୀ** ଅଟନ୍ତି ଏବଂ ଆପଣଙ୍କଠାରେ ନବୁଓ୍ୱତ ଶେଷ ହେଲା । ତେବେ ଏହି ନବୁଓ୍ୱତ୍ ଏପରି ଶେଷ ହୋଇ ନାହିଁ ଯେମିତି କେହି କାହାର ଗଳା ଚିପି ଶେଷ (ହତ୍ୟା) କରିଦେଇଥାଏ । ଏଭଳି ଖତମ୍ ଗର୍ବ କରିବା ଯୋଗ୍ୟ ନୁହେଁ ବରଂ ହଜରତ ମହମ୍ମଦ ସ.ଆଙ୍କ ଅସ୍ତିତ୍ୱରେ ନବୁଓ୍ୱତ୍ ଶେଷ ହେବାରେ ମର୍ମ ହଜରତ ଆଦମ ଆ.ସଙ୍କଠାରୁ ଆରମ୍ଭ

କରି ମରିୟମ୍ ନନ୍ଦନ ହଜରତ ଈସା ଆ.ସଙ୍କ ପର୍ଯ୍ୟନ୍ତ ଯେଭଳି ନବୀମାନଙ୍କ ଉତମ ଗୁଣାବଳୀ ଥିଲା ସେ ସମସ୍ତ ସୁଗୁଣ ଆପଣଙ୍କଠାରେ ଏକତ୍ରିତ କରିଦିଆଗଲା । ଏଭଳି ଆପଣଙ୍କୁ **ଖାତମୁନ୍ ନବୀଇନ୍**ର (ମର୍ଯ୍ୟାଦା) ପ୍ରଦାନ କରାଗଲା ଏବଂ ଏଭଳି ଆପଣ ସମସ୍ତ ଶିକ୍ଷା, ରହସ୍ୟ ଓ ଜ୍ଞାନରୂପକ ରସାତ୍ମ ଯାହାକି ବିଭିନ୍ନ ପୁସ୍ତକ ତଥା ପୂର୍ବ ଧାର୍ମିକ ପୁସ୍ତକରେ ଦରଜ ଥିଲା ପବିତ୍ର କୋରାନରେ ରଖି ଦିଆଗଲା ଏବଂ ଏହିପରି ପବିତ୍ର କୋରାନ ଅନ୍ତିମ ପୁସ୍ତକର ମାନ୍ୟତା ଲାଭ କରିଛି ।

ସୁତରାଂ ଏହା ସେହି ତଥ୍ୟ ଅଟେ ଯେଉଁଥିରୁ ଆମର ବିରୋଧୀମାନେ ଅଜ୍ଞ ଅଛନ୍ତି ଏବଂ ଯେଉଁ ଲୋକମାନେ ସେମାନଙ୍କ ଦ୍ୱାରା କବଳିତ ସେମାନଙ୍କୁ ମୌଲବୀମାନେ ନିଜ କବଳରୁ ମୁକ୍ତ ହେବାକୁ ଦେଉନାହାନ୍ତି । କାରଣ ଯଦି ସତ୍ୟତା ସେମାନେ ଜାଣି ନିଅନ୍ତି ତେବେ ଧର୍ମକୁ ସେମାନେ କାରବାରର ଯେଉଁ ପନ୍ଥା କରିରଖିଛନ୍ତି ତାହା ଆଉ ଚାଲିବ ନାହିଁ ।

ହଜୁର ଅନୱର ଅ.ବ କହିଲେ- ଆଜି ଜମାଅତ ଅହେମଦିଆ ନିଜର ସମସ୍ତ ଶକ୍ତି ଓ ମାଧ୍ୟମ ଦ୍ୱାରା ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ନବୁୱତ୍‌କୁ ବିଶ୍ୱର ପ୍ରତ୍ୟେକ ବସ୍ତି, ଗ୍ରାମ ଓ ଗଳିକନ୍ଦିରେ ପ୍ରସାରିତ କରୁଅଛି । ସୁତରାଂ ଆମ୍ଭେ **ଖତ୍‌ମେ ନବୁୱତ୍** ଓ ଆପଣଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶରିୟତ୍‌ର ପ୍ରକୃତ ମର୍ମ ବୁଝିଛୁ ଏବଂ ହଜରତ ମସିହ ମଉଦ ଆ.ସ ହିଁ ଅଟନ୍ତି ଯେ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ହଜରତ ମହମ୍ମଦ ସ.ଆଙ୍କ ସ୍ତର ଓ ମର୍ଯ୍ୟାଦା ସମ୍ବନ୍ଧରେ ଖୋଲିକରି ବୁଝାଇଲେ ଏବଂ ଆପଣ କେବଳ ହଜୁର ସ.ଆଙ୍କ ସ୍ତର ନିର୍ଦ୍ଧାରଣ କଲେ ନାହିଁ ବରଂ କହିଲେ କି ପୂର୍ବ ନବୀମାନଙ୍କ ଶିକ୍ଷାରେ ଏଭଳି ପରିବର୍ତନ ଘଟିଛି ଯେ ସେମାନଙ୍କର ସ୍ଥାନ ଓ ସତ୍ୟବାଦୀ ହେବାରେ ମଧ୍ୟ ସନ୍ଦେହ ଉପୁଯୁଛି । ଏହା ମଧ୍ୟ ହଜୁର ସ.ଆଙ୍କର ଶ୍ରେଷ୍ଠତା ଯେ, ସେ ପୂର୍ବ ଅବତାରମାନଙ୍କ ସତ୍ୟତା ଓ ସତ୍ୟବାଦୀ ହେବା ଦର୍ଶାଇ ଉକ୍ତ ସମସ୍ତ ସନ୍ଦେହର ମୂଳୋତ୍ପାଟନ କରିଦେଲେ ।

ହଜୁର ଅନୱର ଅ.ବ କହିଲେ- ଆଜିକାଲିର ମୌଲବୀମାନେ ପରସ୍ପର ଉପରେ ଅଭିଯୋଗ ଲଗାଉଛନ୍ତି କିନ୍ତୁ ଏହି ଦୁଃସାହସ ନାହିଁ କି ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ସେମାନଙ୍କ (ବିକୃତ) ଚେହେରା ଦେଖାଇ ସେମାନଙ୍କ ଦୁର୍ବଳତା ଦେଖାଇ ହଜରତ ମହମ୍ମଦ ସ.ଆଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିବା । ଏହା କେବଳ ହଜରତ ମସିହ ମଉଦ ଆ.ସଙ୍କ ପ୍ରଶିକ୍ଷଣ ଓ ପ୍ରଦତ ଜ୍ଞାନ ଦ୍ୱାରା ଜମାଅତ ଅହେମଦିଆ ସମ୍ପାଦନ କରୁଅଛି କିନ୍ତୁ ତଥାପି ସେମାନଙ୍କ ଦୃଷ୍ଟିରେ ଆମେ ଅମାନ୍ୟକାରୀ ଓ ସେମାନେ ମୋମିନ୍ ଅଟନ୍ତି ।

ଆମେ ମୁସଲମାନ ଅଟୁ ଏବଂ ଆମେ ଅଲ୍ଲାଃଙ୍କ ପୁସ୍ତକ କୋରାନ ମଜିଦ୍ ଉପରେ ବିଶ୍ୱାସ ରଖୁଛୁ କି ଆମର ଆକା ହଜରତ ମହମ୍ମଦ ସ.ଆ ଅଲ୍ଲାଃତାଲାଙ୍କ ନବୀ ଓ ତାଙ୍କ ରସୁଲ୍ ଅଟନ୍ତି ଏବଂ ଆପଣ ସର୍ବୋତମ ଧର୍ମ ନେଇ ଆସିଥିଲେ । ଆମେ ଏଥିରେ ମଧ୍ୟ ବିଶ୍ୱାସ ରଖୁଛୁ କି ଆପଣ **ଖାତମୁନ୍ ନବୀ** ଓ ଆପଣଙ୍କ ଅନ୍ତେ କୌଣସି ନବୀ ଆସିବେ ନାହିଁ କିନ୍ତୁ ସେ ଯେ ଆପଣଙ୍କ ପ୍ରଶିକ୍ଷଣ ଓ ଆପଣଙ୍କ ବିଭୂତିରୁ ଭାଗ ନେଇଥିବ । ଯେଉଁ ବ୍ୟକ୍ତି ପବିତ୍ର କୋରାନରେ କିଛି ଅଧିକ କିମ୍ବା କମ୍ କରିବ ତେବେ ସେ ସଇତାନ ଅଟେ । **ଖତ୍‌ମେ ନବୁୱତ**ର ଅର୍ଥ ଆମେ ଏହା ବୁଝୁଅଛୁ କି ଆମ୍ଭ ନବୀ ଶିରୋମଣୀ ଯେ ଅଲ୍ଲାଃଙ୍କ ସମସ୍ତ ରସୁଲ୍ ଓ ନବୀଙ୍କ ତୁଳନାରେ ଶ୍ରେଷ୍ଠ ଅଟନ୍ତି । ତାଙ୍କଠାରେ ସମସ୍ତ ବିଶେଷତାର ସମାପ୍ତି ଘଟିଛି ଏବଂ ଆମ୍ଭେ ଏହି ବିଶ୍ୱାସ ରଖିଥାଉ କି ହଜୁର ସ.ଆଙ୍କ ଅନ୍ତେ ସେହି ବ୍ୟକ୍ତି ନବୀ ହେବାର ସୌଭାଗ୍ୟ ଅର୍ଜନ କରିପାରିବ ଯେ ଆପଣଙ୍କ ସମ୍ପ୍ରଦାୟର ହୋଇଥିବ ଏବଂ ଆପଣଙ୍କର ପୂର୍ଣ୍ଣ ଅନୁଗାମୀ ହୋଇଥିବ ଏବଂ ସେ ସମସ୍ତ ବିଭୂତି ଆପଣଙ୍କ ଆଧ୍ୟାତ୍ମିକତାରୁ ହିଁ ପ୍ରାପ୍ତ କରିଥିବ ଓ ଆପଣଙ୍କ ଦିବ୍ୟଆଲୋକରେ ଆଲୋକିତ ହୋଇଥିବ । ଏହା (ନିଜ) ମର୍ଯ୍ୟାଦାର ସ୍ଥାନ ନୁହେଁ ନା ଏହା କୌଣସି ଭିନ୍ନ ନବୁୱତ ଅଟେ । ନା ଆଚମ୍ଭିତ ହେବାର ସ୍ଥାନ ବରଂ ଏ ତ ଅହେମଦେ ମୁଜ୍‌ତବା ଅଟେ । ଯେ ଏକ ଦ୍ୱିତୀୟ ରୂପରେ ଆର୍ବିଭୂତ ହୋଇଛନ୍ତି ଏବଂ କୌଣସି ବ୍ୟକ୍ତିକୁ ତାହାର ଛବି ଅଲ୍ଲାଃ ଦର୍ପଣରେ ଦେଖାଇଲେ, ସେ ସ୍ୱାଭିମାନର ପ୍ରଦର୍ଶନ କରିନଥାଏ କାରଣ ଶିସ୍ୟ ଓ ପୁତ୍ରମାନଙ୍କ ପାଇଁ (ମଣିଷର) ସ୍ୱାଭିମାନ ପ୍ରକାଶ ପାଇନଥାଏ । ସୁତରାଂ ଯେ ହଜରତ ମହମ୍ମଦ ସ.ଆଙ୍କଠାରୁ ବିଭୂତି ପ୍ରାପ୍ତ କରି ଏବଂ ଆପଣଙ୍କ ମଧ୍ୟରେ ଲୀନ ହୋଇ ଆବିର୍ଭାବ କରିଥାଏ ପ୍ରକୃତରେ ସେ ସେହି ବ୍ୟକ୍ତି ଅଟେ । କାରଣ ସେ ପୂର୍ଣ୍ଣ ଲୀନତାର ସ୍ଥାନରେ ଅବସ୍ଥିତ ହୋଇ ଏବଂ ଆପଣଙ୍କ ରଙ୍ଗରେ ଓ ଆପଣଙ୍କ ଚଦର ଘୋଡ଼ି ଥାଏ ତଥା ହଜୁର ସ.ଆଙ୍କ ମାଧ୍ୟମରେ ନିଜ ଆଧ୍ୟାତ୍ମିକତାକୁ ଜୀବନ୍ତ କରିଥାଏ ଏବଂ ଆପଣଙ୍କ କୃପା ଦ୍ୱାରା ତାହାର ଅସ୍ତିତ୍ୱ ପୂର୍ଣ୍ଣତାକୁ ପହଂଚିଥାଏ । ଏହା ସେହି ସତ୍ୟ ଯାହାକି ଆମ୍ଭ ନବୀ ହଜରତ ମହମ୍ମଦ ସ.ଆଙ୍କ ବରକତ୍‌ର ପ୍ରମାଣ ଅଟେ । ଲୋକେ ହଜରତ ମହମ୍ମଦ ସ.ଆଙ୍କ ସୌନ୍ଦର୍ଯ୍ୟ ତାବିୟିନ୍(ସାହାବାଙ୍କ ପରବର୍ତୀ ମାନ୍ୟକାରୀ)ଙ୍କ ପୋଷାକରେ ଦେଖିଥାନ୍ତି । ଯେ ନିଜ ପୂର୍ଣ୍ଣତା, ପ୍ରେମ ଓ ସ୍ୱଚ୍ଛତାରେ ଲୀନ ହୋଇଗଲେ ଏବଂ ସେଥିସମ୍ବନ୍ଧରେ ତର୍କ କରିବା ମୁର୍ଖାମି ଅଟେ । କାରଣ ଏହା ଆପଣଙ୍କ ଅବତର୍ (ନିଚ) ନହେବାର ଅଲ୍ଲାଃଙ୍କ ତରଫରୁ ପ୍ରମାଣ ଅଟେ । ଯୋଜନାକାରୀ ନିମନ୍ତେ ଏହାର ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ ଏବଂ ଆପଣ ଶାରୀରିକ ଦୃଷ୍ଟି କୋଣରୁ କୌଣସି ବ୍ୟକ୍ତିର ପିତା ନୁହନ୍ତି କିନ୍ତୁ ନିଜ ପୁସ୍ତକ ଦିଗରୁ ପ୍ରତ୍ୟେକ ବ୍ୟକ୍ତିର ପିତା ଅଟନ୍ତି ଯେ ଆଧ୍ୟାତ୍ମିକତାରେ ପୂର୍ଣ୍ଣତା ଲାଭ କରିଛି ଏବଂ ଆପଣ ସମସ୍ତ ନବୀମାନଙ୍କ ଖାତମ୍ ଓ ସମସ୍ତ ସ୍ୱୀକୃତୀ ପ୍ରାପ୍ତକାରୀଙ୍କ ସରଦାର୍ ଅଟନ୍ତି । ବର୍ତମାନ ଅଲ୍ଲାଃଙ୍କ ଦରବାରରେ ସେ ହିଁ ପ୍ରବେଶ କରିପାରିବ ଯାହାଙ୍କ ନିକଟରେ ହଜୁର ସ.ଆଙ୍କ ମୋହର ଥିବ ଏବଂ ଯେ ଆପଣଙ୍କ ସୁନ୍ନତ ଉପରେ ପୂର୍ଣ୍ଣ ରୂପେ ଅମଲ କରୁଥିବ । ଯେ ହଜୁର ସ.ଆଙ୍କ ଶରିୟତ୍ ବ୍ୟତୀତ ଅନ୍ୟ କୌଣସି ଅମଲ ଓ ଉପାସନା କରୁନଥିବ । କୌଣସି ବ୍ୟକ୍ତି ଆପଣଙ୍କ ଧର୍ମ ଉପରେ ଦୃଢତାର ସହିତ ପ୍ରତିଷ୍ଠିତ ରହିବା ବ୍ୟତୀତ ଅଲ୍ଲାଃଙ୍କ ନିକଟରେ ସ୍ୱୀକୃତି ପ୍ରାପ୍ତ କରିପାରିବ ନାହିଁ ଏବଂ ଯେ ହଜୁର ସ.ଆଙ୍କଠାରୁ ଅଲଗା ହୋଇଗଲା ସେ ନିଜ ଶକ୍ତି ଓ ସାମର୍ଥ୍ୟ ମୁତାବକ ଆପଣଙ୍କର ଅନୁଗାମୀଙ୍କ ମଧ୍ୟରେ ସାମିଲ ହେବାରୁ ବଂଚିତ ରହିଲା ସେ ନିଜକୁ ଧ୍ୱଂସ କରିଦେଲା । ଆପଣଙ୍କ ପରେ ଆସନ୍ତାରେ କୌଣସି ଶରିୟତ୍ ଆସିବ ନାହିଁ, ନା କୌଣସି ପୁସ୍ତକ ଆପଣଙ୍କ ନିର୍ଦ୍ଦେଶାବଳୀର ଖଣ୍ଡନ କରିପାରିବ । ନା ଆପଣଙ୍କ କଥନକୁ କେହି ପରିବର୍ତନ କରିପାରିବ ଏବଂ ନା ପବିତ୍ର କୋରାନର ବର୍ଷା ପରି ଅର୍ଥାତ ଆଧ୍ୟାତ୍ମିକ ବର୍ଷା ଆପଣଙ୍କ ମୁଷଳ ଧାର ବର୍ଷା ପରି ହୋଇପାରିବ ନାହିଁ । ଯେ ପବିତ୍ର କୋରାନ ଆଦେଶରୁ ନିମିତ ମାତ୍ର ଦୂରେଇବ ସେ ବିଶ୍ୱାସର ସୀମାରୁ ବାହାରକୁ ଚାଲିଯିବ ଏବଂ ସେପର୍ଯ୍ୟନ୍ତ କେହି ହେଲେ କୃତକାର୍ଯ୍ୟ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ସେ ଏସମସ୍ତ ଆଦେଶର ପାଳନ କରିବେ ନାହିଁ । ଯାହାକି ହଜରତ ମହମ୍ମଦ ସ.ଆଙ୍କ ଦ୍ୱାରା ପ୍ରମାଣିତ ଏବଂ ଯେ ହଜୁର ସ.ଆଙ୍କ ନିର୍ଦ୍ଦେଶାବଳୀ ମଧ୍ୟରୁ କୌଣସି ଛୋଟ ଆଦେଶର ମଧ୍ୟ ଅବମାନନା କରେ ତେବେ ସେ ପଥଭ୍ରଷ୍ଟ ହୋଇଯାଇଥାଏ ଏବଂ ଯେ ଏହି ସମ୍ପ୍ରଦାୟର ହୋଇ ନବୀ ହେବାର ଘୋଷଣା କରେ ଏବଂ ଏହି ବିଶ୍ୱାସ ରଖେ ନାହିଁ କି ସେ ସୃଷ୍ଟିର ମଙ୍ଗଳକାରୀ ମହମ୍ମଦ ମୁସ୍ତଫା ସ.ଆଙ୍କର ପ୍ରଶିକ୍ଷିତ ଅଟେ ଏବଂ ଆପଣଙ୍କ ପବିତ୍ର ଚରିତ୍ରକୁ ବାଦ ଦେଇଥାଏ ତାହାର କୌଣସି ଅସ୍ତିତ୍ୱ ହିଁ ନାହିଁ ସେ ତୁଚ୍ଛ ଅଟେ ଏବଂ ପବିତ୍ର କୋରାନ ଅନ୍ତିମ ପୁସ୍ତକ ଅଟେ ତେବେ ସେ ଧ୍ୱଂସ ହୋଇଗଲା ଏବଂ ସେ ଅମାନ୍ୟକାରୀ ଓ ମିଥ୍ୟାବାଦୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲା ଏବଂ ଯେ ନବୁୱତ୍‌ର ଘୋଷଣା କରେ ଏବଂ ଏହି ବିଶ୍ୱାସ ରଖି ନାଥାଏ କି ସେ ହଜୁର ସ.ଆଙ୍କର ସମ୍ପ୍ରଦାୟର ଅଟେ ଏବଂ ଏହି କି ଯେ ସେ ଯାହା କିଛି ପ୍ରାପ୍ତ କରିଛି ତାହା ହଜୁର ସ.ଆଙ୍କ ବିଭୂତି ଯୋଗୁଁ ଲାଭ କରିଛି ଏବଂ ସେ ହଜୁର ସ.ଆଙ୍କ ଉଦ୍ୟାନର ଏକ ଫଳ ଅଟେ ଏବଂ ଆପଣଙ୍କ ମୁଷଳ ଧାର ବର୍ଷାର ଏକ ବର୍ଷା ବୁନ୍ଦା ଅଟେ ତଥା ଆପଣଙ୍କ ପ୍ରକାଶର ଏକ କିରଣ ତେବେ ସେ ଅଭିଶପ୍ତ ଏବଂ ତାହା, ତାହାର ସାଥିମାନେ, ସାହାର୍ଯ୍ୟକାରୀ ତଥା ମାନ୍ୟକାରୀଙ୍କ ଉପରେ ଅଲ୍ଲାଃତାଲାଙ୍କର ଅଭିଶାପ ପଡ଼ିଥାଏ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଆକାଶ ତଳେ ହଜରତ ମହମ୍ମଦ ସ.ଆଙ୍କ ବ୍ୟତୀତ ବର୍ତମାନ କେହି ନବୀ ନାହାନ୍ତି ଏବଂ ପବିତ୍ର କୋରାନ ବ୍ୟତୀତ କୌଣସି ପୁସ୍ତକ ନାହିଁ ଏବଂ ଯେ କେହି ଏହାର ବିରୁଦ୍ଧାଚରଣ ପ୍ରଦର୍ଶନ କରିବ ସେ ନିଜକୁ ନର୍କ ଆଡ଼କୁ ଟାଣିନେଲା ।

ହଜୁର ଅନୱର ଅ.ବ କହିଲେ ଆପଣ ଅସଂଖ୍ୟ ସ୍ଥାନରେ ବ୍ୟାଖ୍ୟା କରି **ଖତ୍‌ମେ ନବୁୱତ**ର ସତ୍ୟତା ଓ ସ୍ଥାନ ଓ ତାହାର ମୁକାବିଲାରେ ନିଜ ସ୍ଥାନ ଓ ମର୍ଯ୍ୟାଦାର ଚର୍ଚ୍ଚା କରିଛନ୍ତି । ଖୁତବାର ଶେଷରେ ହଜୁର ଅନୱର ଅ.ବ କହିଲେ- ଏହିପରି ଅହେମଦିଙ୍କ ଉପରେ ଆପତି କରାଯାଉଅଛି କି ଏମାନେ (ଇସଲାମ)ଧର୍ମର ସେବା କରୁନାହାନ୍ତି ଏବଂ ଏମାନେ ଇସଲାମର ବିଶ୍ୱସ୍ତ ନୁହନ୍ତି । କିନ୍ତୁ ମୁଁ ପୂର୍ଣ୍ଣ ବିଶ୍ୱାସର ସହ କହୁଅଛି ଯେ ଆଜି ପାକିସ୍ତାନରେ ଅହେମଦି ହିଁ ଅଟନ୍ତି ଯେ **ହୁବ୍‌ବୁଲ୍ ୱତନେ ମିନଲ୍ ଇମାନ୍** ଉପରେ ବିଶ୍ୱାସ ରଖନ୍ତି ଏବଂ ଏଥିମୁତାବକ ଅମଳ କରନ୍ତି ତଥା ନିଜ ଧନଜୀବନର ବଳିଦାନ ଦେଉଛନ୍ତି । ରାଜନୈତିକ ଦୋକାନ ଚମକାଇବା ପାଇଁ କେବଳ ଭାଷଣ ଦେନଥାନ୍ତି ନା ଆମର ରାଜନୀତି ସହ କୌଣସି ସମ୍ପର୍କ ଅଛି । ଆମେ ଧର୍ମ ପାଇଁ ନିଜ ଜୀବନ ଉତ୍ସର୍ଗ କରିବା ପାଇଁ ସର୍ବଦା ପ୍ରସ୍ତୁତ ଅଛୁ । କିନ୍ତୁ ଧର୍ମ ନାମରେ ରାଜନୀତି ଚମକାଇବା ଓ ଧର୍ମ ନାମରେ ରକ୍ତ ବୁହାଉଥିବାମାନଙ୍କ ପରି ନୁହଁ । ଆମେ ହଜରତ ମହମ୍ମଦ ସ.ଆଙ୍କୁ ଅନ୍ତରାତ୍ମାରୁ **ଖାତମୁନ୍ ନବୀ** ସ୍ୱୀକାର କରୁ ଏବଂ ଏଥିପାଇଁ ଆମେ ସମସ୍ତ ପ୍ରକାରର ବଳୀଦାନ ଦେଉଅଛୁ ଏବଂ ଦେବା ପାଇଁ ପ୍ରସ୍ତୁତ ଅଛୁ ତଥା **ଇନ୍ନଶା ଅଲ୍ଲାଃ** ଦେଇଚାଲିଥିବୁ । ପାକିସ୍ତାନୀ ଅହେମଦିଙ୍କର କର୍ତବ୍ୟ କି ସେମାନେ ଏହି ଦୁଆ କରିଚାଲନ୍ତୁ କି ଏହି ଦେଶ ଗଠନ ପାଇଁ ଅହେମଦିମାନେ ପ୍ରାରମ୍ଭରୁ ଆଜିପର୍ଯ୍ୟନ୍ତ ଯେମିତି ବୃହତ ବଳିଦାନ ଦେଇଚାଲିଛନ୍ତି ତାହାକୁ ଅଲ୍ଲାଃତାଲା ସର୍ବଦା ସୁରକ୍ଷିତ ରଖନ୍ତୁ ଏବଂ ଅତ୍ୟାଚାରୀ ଓ ଏକଛତ୍ରବାଦୀ ପ୍ରଶାସକ ଓ କାମନା ପୂରଣକାରୀ ମୌଲବୀମାନଙ୍କ କବଳରୁ ରକ୍ଷା କରନ୍ତୁ ଏବଂ ସଂସାରର ସ୍ୱାଧୀନ ଓ ସମ୍ମାନନୀୟ ଦେଶମାନଙ୍କ ମଧ୍ୟରେ ଏହାର ଗଣନା ହେଉ ।

ପୃଷ୍ଠା-୧ ର ଅବଶିଷ୍ଟାଂଶ.......

ଆପଣ ଦୁଆ କରନ୍ତୁ । କିନ୍ତୁ ମୁଁ ଆପଣଙ୍କୁ ଜଣାଇବିନାହିଁ ଯେ ମୁଦା କଣ । ସେ କହିଲେ ଦର୍ ପୋଶିଦାଃ ଦାଶ୍ତନ୍ ବର୍କତ୍ ଅସ୍ତ ଓ୍ୱମନ୍ ଇନ୍ଶାଅଲ୍ଲାଃ ଦୁଆ ଖ୍ୱାହିମ୍ କର୍ଦୋ ଇଲହାମ୍ ଅମର୍ ଇଖ୍ତିୟାରି ନେସ୍ତ୍ । ମୋର ମୁଦା ଏହା ଥିଲା ଯେ ଦୀନେ ମହମ୍ମଦି (ମହମ୍ମଦ୍ ସ:ଆ:ସ ଙ୍କ ଧର୍ମ) ଦୀନକୁ ଦୀନ ପତନାଭିମୁଖୀ ହେଉଛି । ଖୁଦା ଏହାର ସାହାଯ୍ୟକାରୀ ହୁଅନ୍ତୁ । ଏହାପରେ ମୁଁ କାଦିଆନ୍ ଚାଲି ଆସିଲି । ଅଳ୍ପ ଦିନ ପରେ ଡାକ ଜରିଆରେ ତାଙ୍କର ଚିଠି ମୋତେ ମିଳିଲା ଯେଉଁଥିରେ ଏହା ଲେଖା ଥିଲା ଯେ "ଇଁ ଆଜିଜ୍ ବରାଏ ଶୁମା ଦୁଆ କର୍ଦାଃ ବୁଦ୍ ଇଲ୍କାଶୁଦ୍ ଓ୍ୱନ୍ସୁରନା ଅଲଲ୍ କାଫିରିନ୍ । ଫକିରା କମ୍ ଇତ୍ତେଫାକ୍ ମଏ ଉଫ୍ତଦ୍ କେ ବାଇଁ ଜଲ୍ଦି ଇଲ୍କାଶୁଦ୍ ଇଁ ଅଜ୍ ଇଖ୍ଲାସ୍ ଶୁମା ମଏ ବଏନମ୍ ।

ସୁତରାଂ ଅବ୍ଦୁଲ୍ ହକ୍ ବହୁତ ଜିଦି କରିବା ପରେ ମୁଁ ତା ପାଖକୁ ଲେଖିଲି ଯେ ମୁଁ କୌଣସି ମୁସଲମାନ୍ କଲ୍ମା ଗୁ (କଲ୍ମା ପଢୁଥିବା ବ୍ୟକ୍ତି) ଙ୍କ ସହିତ ମୁବାହିଲା କରିବାକୁ ଚାହୁଁନାହିଁ । ସେ ଏହାର ଉତରରେ ଲେଖିଲା ଯେ ଯେତେବେଳେ ଆମ୍ଭେ ତୁମ ଉପରେ କୁଫର୍ (ଅମାନ୍ୟକାରୀ) ର ଫତ୍ୱା ଲଗାଇଦେଲୁ ସେଥିଯୋଗୁଁ ତୁମ ନିକଟରେ ଆମେ କାଫିର୍ ହୋଇଗଲୁ । ତେବେ ମୋବାହିଲାରେ କଣ ଅସୁବିଧା । ସୁତରାଂ ତାର ଏହିପରି ଭୀଷଣ ଜିଦି କରିବା ପରେ ମୁଁ ମୁବାହିଲା ପାଇଁ ଅମୃତସର ଆସିଲି । ଯେହେତୁ ମୋତେ ମୌଲବୀ ସାହେବ୍ ମର୍ହୁମ୍ଙ୍କ ସହିତ ହାର୍ଦ୍ଦିକ ପ୍ରେମ ଥିଲା ଓ ମୁଁ ତାଙ୍କୁ ନିଜର ଏହି ପଦବୀ ନିମନ୍ତେ ଇର୍ହାସ୍ ରୂପେ ବିବେଚନା କରୁଥିଲି । ଅର୍ଥାତ୍ ଯେପରି ୟହିଆ ଆ:ସ ଇସା ଆ:ସ ଙ୍କ ପୂର୍ବରୁ ଆବିର୍ଭାବ ହୋଇଥିଲେ । ସେଥିଯୋଗୁ ମୋ ହୃଦୟ ଅବ୍ଦୁଲ୍ ହକ୍ ନିମନ୍ତେ କୌଣସି ବଦ୍ଦୁଆ (ଅଭିଶାପ) ଦେବାକୁ ପସନ୍ଦ କଲାନାହିଁ । ବରଂ ମୋ ଦୃଷ୍ଟିରେ ସେ ଦୟାର ପାତ୍ର ଥିଲା । କାରଣ ସେ ଜାଣିନଥିଲା ଯେ ସେ କାହାକୁ ଖରାପ କହୁଛି । ସେ ନିଜ ଭାବନାରେ ଇସ୍ଲାମ୍ ନିମନ୍ତେ ଏକ ପ୍ରକାର ଗଏରତ୍ (ସ୍ୱାଭିମାନ୍) ଦେଖାଉଥିଲା । ଓ ଜାଣୁନଥିଲା ଯେ ଇସ୍ଲାମ୍ର ସାହାଯ୍ୟ ନିମନ୍ତେ ଖୁଦାଙ୍କର କଣ ଇଚ୍ଛା ଅଛି ।

ସେ ଯାହା ହେଉ ମୋବାହିଲାରେ ସେ ଯାହା ଚାହିଁଲା କହିଲା । କିନ୍ତୁ ମୋ ଦୁଆର ଆଶ୍ରାସ୍ଥଳ ମୋ ନିଜ ଅସ୍ତିତ୍ୱ ଥିଲା । ଏବଂ ମୁଁ ଅଲ୍ଲାହ୍‌ଙ୍କ ଦରବାରରେ ଏହି ପ୍ରାର୍ଥନା କରୁଥିଲି ଯେ ଯଦି ମୁଁ ମିଥ୍ୟାବାଦୀ ହୋଇଥିବି ତେବେ ମିଥ୍ୟାବାଦୀଙ୍କୁ ଓ ଧ୍ୱଂସ କରିବା ଭଳି ମୋତେ ମଧ୍ୟ ଧ୍ୱଂସ କରାଯାଉ ଏବଂ ଯଦି ମିଁ ସତ୍ୟବାଦୀ ହୋଇଥିବି ତେବେ ଖୁଦା ମୋର ସାହାଯ୍ୟ ଓ ସହଯୋଗ କରନ୍ତୁ । ଏ କଥାକୁ ୧୧ ବର୍ଷ ବିତିଗଲାଣି ଯେତେବେଳେ ଏହି ମୋବାହିଲା ହୋଇଥିଲା । ଏହାପରେ ଯାହାକିଛି ଖୁଦାତାଲା ମୋର ସାହାଯ୍ୟ ଓ ସହଯୋଗ କଲେ ମୁଁ ଏହି ସଂକ୍ଷିପ୍ତ ପତ୍ରିକାରେ ବର୍ଣ୍ଣନା କରିପାରିବି ନାହିଁ । ଏକଥା କାହାକୁ ଅଛପା ନାହିଁ ଯେ ଯେଉଁ ସମୟରେ ମୋବାହିଲା କରାଯାଇଥିଲା ମୋ ସାଥିରେ କେବଳ ଅଳ୍ପ କିଛି ଲୋକଥିଲେ ଯାହାକୁ ଆଙ୍ଗୁଠିରେ ଗଣାଯାଇପାରିବ । କିନ୍ତୁ ବର୍ତମାନ ତିନିଲକ୍ଷ୍ୟରୁ ଅଧିକ ଲୋକେ ମୋର ବୟତ କରିସାରିଛନ୍ତି । ସେହିପରି ପଇସାର ଅସୁବିଧା ଏତେ ଥିଲା ଯେ ମାସକୁ କୋଡିଏ ଟଙ୍କା ମଧ୍ୟ ଆସୁନଥିଲା । ସେଥିଯୋଗୁ କରଜ କରିବାକୁ ପଡୁଥିଲା । କିନ୍ତୁ ଏବେ ମୋ ସିଲ୍‌ସିଲାର ପ୍ରତ୍ୟେକ ଡାଲରୁ ପାଖାପାଖି ତିନି ହଜାର ଟଙ୍କା ମାସିକ ଆମଦାନୀ ହେଉଅଛି । ଏବଂ ଖୁଦାତାଲା ଏହାପରେ ବଡ଼ ବଡ଼ ଶକ୍ତିଶାଳୀ ନିଦର୍ଶନ ଦେଖାଇଛନ୍ତି ଯିଏ ତାର ମୁକାବିଲା କଲା ସେ ଶେଷରେ ସେ ଧ୍ୱଂସ ହେଲା । ଯେପରିକି ଏହି ନିଦର୍ଶନ ଗୁଡିକୁ ଦେଖିବା ଦ୍ୱାରା ଯାହାକୁ କେବଳ ନମୁନା ସଦୃଶ ଏଠାରେ ଲେଖାଯାଇଛି ସେଥିରୁ ସ୍ପଷ୍ଟ ହେଉଛି ଯେ ଖୁଦାତାଲା ମୋର କିଭଳି ସାହାଯ୍ୟ କରିଛନ୍ତି । ଏହିପରି ହଜାର ହଜାର ନିଦର୍ଶନ ଅଲ୍ଲାହ୍‌ଙ୍କର ସାହାଯ୍ୟ ଦ୍ୱାରା ପ୍ରକାଶ ହୋଇସାରିଛି । ସେମାନଙ୍କ ଭିତରୁ ନମୁନା ସଦୃଶ ଏଠାରେ କିଛି ଲେଖାଗଲା । ଯଦି କୌଣସି ବ୍ୟକ୍ତିଙ୍କ ଭିତରେ ଲଜ୍ଜା ଓ ନ୍ୟାୟ ଥିବ ତେବେ ତାଙ୍କ ପାଇଁ ଏହି ନିଦର୍ଶନ ମୋର ପ୍ରମାଣୀକରଣ ନିମନ୍ତେ ଯଥେଷ୍ଟ ହେବ । (ହକିକତୁଲ୍ ଓ୍ୱହି ରୁହାନି ଖଜାଏନ୍ ଖଣ୍ଡ-୨୨, ପୃଷ୍ଠା-୨୪୮)

ପୃଷ୍ଠା-୨ ର ଅବଶିଷ୍ଟାଂଶ.......

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଅଲ୍ଲାହ୍‌ତାଲା ଫଜଲ୍ ଫରମାଏ ।

ନୌମୋବାଏ ମାନଙ୍କ ସହିତ ହଜୁର୍ ଅନୁଓ୍ୱର୍‌ଙ୍କର ଏହି ସାକ୍ଷାତ୍‌କାର ୮:୦୫ ପର୍ଯ୍ୟନ୍ତ ଜାରି ରହିଲା । ପରିଶେଷରେ ସବୁ ନୌମୋବାଏନ୍‌ମାନେ ଜଣ ଜଣ କରି ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ଏବଂ ହାତ ମିଳାଇଲେ ।

ଏବେ ପ୍ରୋଗ୍ରାମ୍ ମୁତାବକ ଜଲ୍‌ସାଗାଃ କାଲ୍‌ସରୁହେ ଠାରୁ ବଇତୁଲ୍ ସବୁହ୍ (ଫ୍ରାଙ୍କ୍‌ଫର୍ଟ) ନିମନ୍ତେ ଯିବାର ଥିଲା । ତେଣୁ ୮:୧୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ଏବଂ କାଫିଲା ଏଠାରୁ ଫ୍ରାଙ୍କ୍‌ଫର୍ଟ ଆଡ଼କୁ ଗସ୍ତ କଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଗାଡ଼ି ଜଲ୍‌ସାଗାଃର ପ୍ରାଙ୍ଗଣରୁ ବାହାରକୁ ବାହାରୁଥିଲା ସେତେବେଳେ ରାସ୍ତାର ଦୁଇକଡ଼ରେ ଛିଡା ହୋଇ ହଜାର ହଜାର ପୁରୁଷ ମହିଳା ଓ ପିଲାମାନେ ନିଜର ହାତକୁ ହଲାଇ ନିଜର ପ୍ରିୟ ଆକାଙ୍କୁ ବିଦାୟ ଦେଲେ । ଯମାତ୍‌ର ଲୋକମାନେ ଧାରାବାହିକ ରୂପେ ନାରା ଲଗାଉଥିଲେ । ଛୋଟ ଛୋଟ ଝିଅମାନେ ଦଳଦଳ ହୋଇ ବିଦାୟ ସମ୍ବନ୍ଧୀୟ ଦୁଆଇଆ ନଜମ୍ ପାଠ କରୁଥିଲେ । ପାଖାପାଖି ଏକ ଘଂଟା ୪୫ ମିନିଟ୍‌ର ଯାତ୍ରା ପରେ ଦଶଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ: ବଇତୁଲ୍ ସବୁହ୍ ପହଂଚିଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୧୦:୨୦ ରେ ଆସି ନମାଜ ମଗରିବ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ କରେ ହଜୁର୍ ଅନୁଓ୍ୱର୍ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

(ବହୱାଲା ଅଖବାର୍ ବଦର, ୨୮ ସେପ୍ଟେମ୍ବର୍ / ୦୫ ଅକ୍ଟୋବର ୨୦୧୭)

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ବନ୍ଧୁବାନ୍ଧବ ମାନଙ୍କୁ ଦେଖାଇବି ଯେ ଇଏ ହେଉଛନ୍ତି ଖୁଦାଙ୍କର ଖଲିଫା ।

ଜଣେ ଜର୍ମାନୀର ବନ୍ଧୁ ମଶାଏଲ୍ ଫଶର୍ ସାହେବ୍ ଜଲ୍‌ସାରେ ସାମିଲ୍ ହେଲେ । ସେ ନିଜର ଭାବନାକୁ ବ୍ୟକ୍ତି କରି କହିଲେ ଏହି ଜଲ୍‌ସାରେ ସାମିଲ୍ ହେବା ପୂର୍ବରୁ ମୁଁ ଖବର କାଗଜରେ ଏ ବିଷୟରେ ପଢୁଥିଲି ଯେ ଅହେମଦୀ ଶାନ୍ତିପ୍ରିୟ ଲୋକ ଅଟନ୍ତି ବୋଲି । କିନ୍ତୁ ମୋ ମନରେ ଆସୁଥିଲା ଯେ ଶାନ୍ତିର ଦାବି ତ ଆହୁରି ବହୁତ ଲୋକ କରୁଛନ୍ତି । ଏବେ ଏଠାକୁ ଆସି ମୁଁ ନିଜ ଆଖିରେ ଏହା ଦେଖିପାରୁଛି ଯେ ଶାନ୍ତିର ଦାବି ଏବଂ ତାକୁ କର୍ମରେ କରି ଦେଖାଉଥିବାର ସାକ୍ଷୀ କେବଳ ଏହି ଜଲ୍‌ସାରେ ହିଁ ମିଳିପାରିବ । ଯେଉଁଠି ଲୋକମାନେ ପ୍ରେମ ଓ ଶ୍ରଦ୍ଧା ସହିତ ନିଜର ସମୟ ଅତିବାହିତ କରୁଛନ୍ତି ଏବଂ ଆସିଥିବା ଅନ୍ୟଲୋକମାନଙ୍କୁ ମଧ୍ୟ ସ୍ୱାଗତ କରୁଛନ୍ତି । ଏତେବଡ଼ ଇଜ୍‌ତିମା(ଲୋକଙ୍କ ସମାହାର)ଏତେ ଶାନ୍ତିପ୍ରିୟ ଅଟେ ଯେ ଏହାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି । ଏତଦ୍‌ଭିନ୍ନ ଯଦି କେଉଁଠି ୫୦୦ ଲୋକ ଏକାଠି ହୋଇଯାଉଛନ୍ତି ସେଠାରେ ଝଗଡ଼ା ହୋଇଯାଏ । ମୁଁ ଜଲ୍‌ସାରେ ସାମିଲ୍ ହୋଇ ଆପଣମାନଙ୍କର ଏହି ଶାନ୍ତିପ୍ରିୟ ପରିବେଶକୁ ଦେଖି ଆପଣମାନେ କରୁଥିବା ଶାନ୍ତିର ଦାବିକୁ ସମର୍ଥନ କରୁଅଛି ।

ଜଣେ ମହିଳା ମାରିଆ ଯୋଜେ ସାହିବା ଯାହାଙ୍କର ଅସଲ ସମ୍ପର୍କ ଦକ୍ଷ ଆମେରିକା ସହିତ ଅଛି ଏବଂ ସେ ବର୍ଲିନ୍‌ରେ ଶିକ୍ଷାର୍ଥିନୀ ଅଛନ୍ତି । ସେ ନିଜର ଭାବନାକୁ ଅଭିବ୍ୟକ୍ତ କର କହିଲେ ମୋର ଏହା ପୂର୍ବରୁ ଇସ୍ଲାମ୍ ବା ଅହେମଦୀୟତ୍ ସହିତ କୌଣସି ପରିଚୟ ନଥିଲା । ପାରାଗୁଏର ମୁରବୀ ସିଲ୍‌ସିଲାଙ୍କ ସ୍ତ୍ରୀ ଙ୍କ ଜରିଆରେ ମୁଁ ଯମାତ୍ ବିଷୟରେ ଜାଣିବାକୁ ପାଇଲି ଏବଂ ମୁଁ ଏହା ମଧ୍ୟ ଜାଣିପାରିଲି ଯେ ଜର୍ମାନୀରେ ଯମାତ୍ ଅହେମଦୀୟାର ଜଲ୍‌ସା ଅନୁଷ୍ଠିତ ହେଉଅଛି । ତେଣୁ ମୁଁ ଜଲ୍‌ସାରେ ସାମିଲ୍ ହେବାପାଇଁ ଆସିଲି । ଏଠାକୁ ଆସି ମୁଁ ବହୁତ ଆଶ୍ଚର୍ଯ୍ୟ ହେଲି ଯେ ଏତେଗୁଡିଏ କୌମ୍, ଜାତି ଏବଂ ରଙ୍ଗର ଲୋକମାନେ କିପରି ଏକାଠି ଏକ ମନୋଭାବ ହୋଇ ରହୁଛନ୍ତି ଏବଂ ଚାରିଆଡ଼େ ଶାନ୍ତି ଓ ସ୍ଥିରତାର ପରିବେଶ । ସମସ୍ତେ ଆତ୍ମ ସନ୍ତୋଷ ଲାଭ କରୁଛନ୍ତି । କାହାକୁ କୌଣସି ପ୍ରକାରର ଭୟ ନାହିଁ । ମୋ ପାଇଁ ଏପରି ଶାନ୍ତିପ୍ରିୟ ଇଜ୍‌ତିମାରେ ସାମିଲ୍ ହେବା ଗୋଟିଏ ନୂଆ ଅନୁଭବ ଅଟେ ଏବଂ ମୋର ଏହା ଆନ୍ତରିକ ଇଚ୍ଛା ଯେ ମୁଁ ବର୍ଲିନ୍ ଫେରିଯାଇ ଯମାତ୍ ଅହେମଦୀୟାର ମସ୍‌ଜିଦ୍ ସହିତ ସମ୍ପର୍କ ରଖିବି ଏବଂ ଏହି ଯମାତ୍ ସହିତ ସମ୍ପର୍କକୁ ଆହୁରି ଅଧିକା ମଜବୁତ୍ କରିବି । ମୋତେ ଆପଣମାନଙ୍କ ସହିତ ମିଶି ଏକ ପ୍ରକାର ଆତ୍ମ ସନ୍ତୋଷ ଲାଭ ହେଲା ।

ଜଣେ ଜର୍ମାନୀ ମହିଳା ମାରସି ଇଗାଲା ଯାହାଙ୍କର ଯମାତ୍ ସହିତ ପୂର୍ବରୁ ସମ୍ପର୍କ ଅଛି ସେ ଜଲ୍‌ସା ସମୟରେ ଅନୁଷ୍ଠିତ ହୋଇଥିବା ବୟତ ପ୍ରୋଗ୍ରାମ୍‌ରେ ସାମିଲ୍ ହେଲେ । ଏହାପରେ ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ମୋର ପ୍ରଶ୍ନଗୁଡିକ ଗୋଟି ଗୋଟି କରି ସବୁ ସମାଧାନ ହୋଇଗଲା । ଏବଂ ବୟତ ସମୟରେ ଆପଣଙ୍କ ଖଲିଫାଙ୍କର ବ୍ୟକ୍ତିତ୍ୱରେ ଏପରି ଆକର୍ଷଣ ଓ ଆଧ୍ୟାତ୍ମିକତାକୁ ମୁଁ ଅନୁଭବ କଲି ଯେ ମୋତେ ଏପରି ଲାଗୁଛି ମୁଁ ଆଉ ଅଧିକା ସମୟ ଅତିଥି ହୋଇ ଆସିବି ନାହିଁ ବରଂ ଏବେ ମୋର ଇଚ୍ଛା ଯେ ମୁଁ ନିଜେ ବୟତ୍ କରି ଯମାତ୍‌ରେ ସାମିଲ୍ ହୋଇଯିବି । ପୁଣି ସେ କହିଲେ-ହଜୁରଙ୍କ ଅଭିଭାଷଣର ପ୍ରତ୍ୟେକ ଶବ୍ଦକୁ ମୋର ହୃଦୟ ଏବଂ ବୁଦ୍ଧି ସମର୍ଥନ କରୁଅଛି । ଯେବେ ହୃଦୟ ଓ ବୁଦ୍ଧି ମଧ୍ୟରେ ଏତେ ଏକତା ରହୁଛି ତେବେ ପୁଣି ବୟତ କରିନେବା ଉଚିତ୍ ।

ମାସିଡୋନିଆର ଗୋଟିଏ ସୋସିଆଲ୍ ଓ୍ୱେଲ୍‌ଫେଆର୍ ସଂସ୍ଥା ସହିତ କାମ କରୁଥିବା ତିନିଜଣ ମହିଳା- ନିତାଲିଆ ସାହିବା, ଉଲିକୁକ୍‌ଲିଓ୍ୱା ସାହିବା ଏବଂ ମାରିଜା ସାହିବା ଜଲ୍‌ସାରେ ସାମିଲ୍ ହୋଇଥିଲେ । ଏହି ମହିଳାମାନେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଆମ ଚତୁଃପାର୍ଶ୍ୱରେ ସେଠି ବହୁତ ଗୁଡିଏ ମୁସଲମାନ୍ ରହୁଛନ୍ତି । କିନ୍ତୁ ଇସ୍ଲାମ୍‌ର ଏପରି କିସମ୍ ଏବଂ ଏହାର ଏପରି ସାମାଜିକ ପରିପ୍ରକାଶ ଆମପାଇଁ ସମ୍ପୂର୍ଣ୍ଣ ରୂପେ ଅପ୍ରତ୍ୟାଶିତ ପ୍ରମାଣ ହେଲା । ଆମେ ଆପଣମାନଙ୍କର ଲୋକଙ୍କୁ ଓ ଆପଣଙ୍କ ଶିକ୍ଷାକୁ ଓ ଆପଣଙ୍କ ଲିଡରସିପ୍‌କୁ ଦେଖିଲୁ ଓ ଆମେ ଏ ଅନୁଭୂତି ସାଥିରେ ନେଇ ଫେରିଯାଉଛୁ ଯେ ସେଠିକାର ମୁସଲମାନ୍ ମାନଙ୍କୁ ଆପଣଙ୍କ ଯମାତ୍ ବିଷୟରେ ପରିଚିତ କରାଇପାରିବୁ । ଏହି ଯମାତ୍ ଏବଂ ଏହାର ଜଲ୍‌ସା ଅନ୍ୟ ମୁସଲମାନଙ୍କ ନିମନ୍ତେ ନମୁନା ଅଟେ ଏବଂ ଏପରି ଶାନ୍ତିପ୍ରିୟ ଶିକ୍ଷା ଓ ଏପରି ସୁ ସଂଗଠିତ ଯମାତ୍ ଏହାର ଯୋଗ୍ୟ ଯେ ଆନ୍ତର୍ଜାତିକ ସ୍ତରରେ ଏହା ମୁସଲମାନଙ୍କର ପ୍ରତିନିଧିତ୍ୱ କରିପାରିବ । ଏଥରକ ଆମେ କାହା ନିମନ୍ତଣ ଦ୍ୱାରା ଏଠାକୁ ଆସିଛୁ କିନ୍ତୁ ଆମେ ଆଶା କରୁଛୁ ଆସନ୍ତାକୁ ଆମେ ଅତିଥିମାନଙ୍କୁ ସାଥିରେ ନେଇ ଆସିବୁ ଓ ଆପଣଙ୍କ ଯମାତ୍‌ର ବିଷୟରେ ଆମେ ନିଜେ ଯାଇ ମାସିଡୋନିଆର ମୁସଲମାନଙ୍କୁ ପରିଚୟ କରାଇବୁ ।

ଲାଟ୍ଭିୟା ରୁ ଆସିଥିବା ଜଣେ ଇସାଇ ବନ୍ଧୁ ମାକ୍ୟୁଲେସ୍ ସାହେବ୍ ଯିଏ ଜଣେ ଶିକ୍ଷାର୍ଥୀ ଅଟନ୍ତି ଏବଂ ଧର୍ମ ଉପରେ ଅନୁସନ୍ଧାନ କରିବାର ଆଗ୍ରହ ରଖିଛନ୍ତି । ସେ ନିଜର ଭାବନାକୁ ଅଭିବ୍ୟକ୍ତ କରି କହିଲେ । ମୁଁ ଧର୍ମ ବିଷୟରେ ଗଭୀର ଆଗ୍ରହ ରଖିଛି ଓ ସେଥିପାଇଁ

ଆପଣଙ୍କ ଯମାତ୍‌ର ଶିକ୍ଷାଗୁଡିକୁ ପଢ଼ିଲି ଏବଂ ବର୍ତ୍ତମାନ ଏହାକୁ କାର୍ଯ୍ୟରେ ପରିପ୍ରକାଶ ହେଉଥିବାର ଦେଖୁଅଛି । ମୋତେ ଆପଣମାନଙ୍କର ଶିକ୍ଷା ଏବଂ କାର୍ଯ୍ୟାବଳୀ ଯୁକ୍ତିଯୁକ୍ତ ଏବଂ ଆକର୍ଷଣୀୟ ଲାଗୁଛି । ମୁଁ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ଭିତରେ ଏକ ଆଧ୍ୟାତ୍ମିକ ଭାବକୁ ଅନୁଭବ କରୁଛି ।

ଲାଟୁୟାରୁ ଆସିଥିବା ଜଣେ ଜର୍ନାଲିଷ୍ଟ୍ ମହିଳା ଏଗ୍‌ଷ୍ଟିନ୍ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ମୁଁ ବିଗତ ଛଅ ମାସ ହେବ ଇସ୍‌ଲାମ୍‌ର ବିଭିନ୍ନ ଫିର୍‌କା ସମ୍ବନ୍ଧୀୟ ଗୋଟିଏ ପ୍ରୋଜେକ୍ଟ ଉପରେ କାମ କରୁଅଛି । ମୁଁ ଇସ୍‌ତମ୍‌ବୁଲ୍ ମଧ୍ୟ ଯାଇଥିଲି ଏବଂ ସେଠାରେ ବିଭିନ୍ନ ଇସ୍‌ଲାମୀୟ ଫିର୍‌କା ସହିତ ମିଶିଥିଲି । କିନ୍ତୁ ଏଠାରେ ଇମାମ୍ ଯମାତ୍ ଅହେମଦୀୟାକୁ ଦେଖି ମୋ ହୃଦୟରେ ଯେଉଁ ଅବସ୍ଥା ସୃଷ୍ଟି ହେଲା ତାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ । ମୁଁ ଖଲିଫତୁଲ୍ ମସିହଙ୍କ ସାକ୍ଷାତ୍ କରିବା ସମୟରେ ପଚାରିଲି ଯେ ବର୍ତ୍ତମାନ ସମୟରେ ମୁଲାଇୟତ୍ (ମୌଳବାଦ) ଏବଂ ଚରମପନ୍ଥୀଙ୍କ ନିମନ୍ତେ କଣ ଚିକିତ୍ସା ଅଛି ? ତେବେ ସେ ଦୁଇଟି ଶବ୍ଦରେ ଏହି କଠିନ ପ୍ରଶ୍ନର ସମ୍ପୂର୍ଣ୍ଣ ଉତର ଦେଇଦେଲେ । ଇମାମ୍ ଯମାତ୍ ଅହେମଦୀୟା କହିଲେ ଏହି ସମସ୍ୟାର ଏକମାତ୍ର ସମାଧାନ ହେଉଛି ରାଇଟ୍ ଏଜୁକେସନ୍ (ସଠିକ୍ ଶିକ୍ଷା) । ବାସ୍ତବରେ ଏହି ସମସ୍ୟାର ସମାଧାନ ହେଉଛି ସଠିକ୍ ଶିକ୍ଷା ।

ଲାଟୁୟା ରୁ ଆସିଥିବା କର୍ତବା ୟୁନିଭରସିଟିର ପ୍ରଫେସର୍ ଲୋଲି ଡ଼ିଆଜ୍ ସାହିବା ଏହି ଜଲ୍‌ସା ପ୍ରସଙ୍ଗରେ ନିଜର ଭାବନାକୁ ଅଭିବ୍ୟକ୍ତ କରି କହିଲେ ମୁଁ ମୋ ଜୀବନରେ ପ୍ରଥମଥର ପାଇଁ ମୁସଲ୍‌ମାନଙ୍କର ଏତେବଡ଼ ଜଲ୍‌ସାରେ ସାମିଲ୍ ହୋଇଛି । ମୁଁ ଇମାମ୍ ଯମାତ୍ ଅହେମଦୀୟାକୁ ପ୍ରଥମ ଥର ପାଇଁ ଯେତେବେଳେ ନିକଟରୁ ଦେଖିଲି ତେବେ ସେହି ସମୟ ମୋ ପାଇଁ ଗୋଟିଏ ଆଧ୍ୟାତ୍ମିକ ଅନୁଭୂତି ଥିଲା ଯାହାର ଭାବନା ମୋର ସାରାଜୀବନ ମନେରହିବ । କିନ୍ତୁ ମୁଁ ଏହାକୁ ବର୍ଣ୍ଣନା କରିବା ପାଇଁ ଶବ୍ଦ ପାଉନାହିଁ । ମୋର ବିଶ୍ୱାସ ଯେ ଏହି ଯମାତ୍ ଏବଂ ଏହି ଯମାତ୍‌ର ଖଲିଫା ଅନ୍ୟ ମୁସଲ୍‌ମାନଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଅଟନ୍ତି । ଏବଂ ମୁଁ ଏହି ଫରକକୁ ନିଜ ଆତ୍ମା ଦ୍ୱାରା ଅନୁଭବ କରିପାରୁଛି ।

ଏହି ଜଲ୍‌ସାରେ ଗୋଟିଏ ୧୩ ବର୍ଷର ପିଲା ନିଜର ମା, ଭାଇ, ମାଉସୀ ଓ ନିଜ ବାପାଙ୍କର ଜଣେ ବନ୍ଧୁଙ୍କ ସହିତ ସାମିଲ୍ ହୋଇଥିଲା । ସେ କହୁଛନ୍ତି ମୁଁ ଜଲ୍‌ସାକୁ ଏକୁଟିଆ ଆସିବାକୁ ଚାହୁଁଥିଲି । କିନ୍ତୁ ମୋତେ କମ୍ ବୟସ ହୋଇଥିବାରୁ ମୋ ମା' ମୋତେ ଏକୁଟିଆ ଛାଡ଼ିବା ପାଇଁ ମନା କରିଦେଲେ କାରଣ ସେ ଜଲ୍‌ସା ଏବଂ ଯମାତ୍ ବିଷୟରେ କିଛି ଜାଣିନଥିଲେ । ପୁଣି ଆମ ସହିତ ଯମାତ୍ ଅହେମଦୀୟାର ଜଣେ ଆରବୀ ଅହେମଦୀ ସମ୍ପର୍କ କଲେ । ଏବଂ ମୋ ମା' ଙ୍କ ସହିତ କଥା ହେଲେ ଏବଂ ତାଙ୍କୁ ବିଶ୍ୱାସ ଦେଲେ ଓ ଜଲ୍‌ସା ଏବଂ ଯମାତ୍ ବିଷୟରେ ବତାଇଲେ । ମୁଁ ଜଲ୍‌ସାରୁ ବହୁତ କିଛି ଶିଖିପାରିଛି । ଚରିତ୍ର, ସତ୍ୟତା, ଅହେମଦୀଙ୍କର ଏକତା......ମୁଁ ଏଠାରେ କୌଣସି ପ୍ରକାରର ଖରାପ କଥା ଦେଖିବାକୁ ପାଇଲିନାହିଁ । ଓ ମୁଁ ଆରବୀୟଙ୍କ ଇଜ୍‌ତିମାରେ ଅହେମଦୀମାନଙ୍କର ନିଜ ଖଲିଫାଙ୍କ ସହିତ ପ୍ରେମକୁ ଦେଖିଲି । ଯେତେବେଳେ ଖଲିଫା ଅହେମଦୀମାନଙ୍କ ସମ୍ମୁଖରେ ଯାଉଥିଲେ ତ କିଛି ଲୋକେ ଖୁସିରେ କାନ୍ଦିବା ଆରମ୍ଭ କରିଦେଉଥିଲେ । ସେମାନଙ୍କର ନିଜ ଖଲିଫାଙ୍କ ସହିତ ଏହି ପ୍ରେମର ଦୃଶ୍ୟକୁ ମୁଁ ଦେଖିଲି । ତାଙ୍କ ମା କହୁଛନ୍ତି ଇନ୍‌ଶାଅଲ୍ଲାଃ ମୁଁ ନିଶ୍ଚିତ ରୂପେ ଆସନ୍ତାବର୍ଷ ମଧ୍ୟ ଆସିବି । ଆମର ସେବା ବହୁତ ଉତମ ଶୈଳୀରେ କରାଗଲା । ବେଳେବେଳେ ଯେବେ ଆମେ ବିଭାଘର ବା କୌଣସି ପାର୍ଟିରେ ଯୋଗ ଦେବାପାଇଁ ଯାଇଥାଉ ସେଠାରେ ଶହେରୁ ଦୁଇଶହ ଲୋକ ସାମିଲ୍ ହୋଇଥାନ୍ତି । ଫଳତଃ ସେଠିକାର ବାଥ୍‌ରୁମ୍ ଏବଂ ପାର୍ଟିର ଆୟୋଜନ ହୋଇଥିବା ସ୍ଥାନ ବହୁତ ଅସନା ହୋଇଥାଏ । କିନ୍ତୁ ଏ ଜଲ୍‌ସାରେ ଏତେ ସଂଖ୍ୟାରେ ଲୋକ ହୋଇଥିବା ସତ୍ତ୍ୱେ ମଧ୍ୟ ଆମେ ପ୍ରତ୍ୟେକ ଜିନିଷ, ବାଥ୍‌ରୁମ୍, ଖାଇବା ଟେବୁଲ୍ ଏପରିକି ପ୍ରାଙ୍ଗଣ ଇତ୍ୟାଦିକୁ ସବୁବେଳେ ସଫା ସୁତରା ଦେଖିଲୁ । ଯେଉଁଠି ଅହେମଦୀ ପୁରୁଷ ଏବଂ ଅହେମଦୀ ସ୍ତ୍ରୀମାନଙ୍କର କଥା ଉଠୁଛି ତାଙ୍କ ଭିତରେ ମୁଁ ସଚାଇ ଓ ମାନବିକତାକୁ ଦେଖିବାକୁ ପାଇଲି । ବିଶେଷ କରି ସେହି ଯୁଦ୍ଧପରେ ଯେଉଁ ଯୁଦ୍ଧ ପରେ ଆମେ ଆମ ଦେଶରେ ରହୁଥିଲୁ ସେହି ଯୁଦ୍ଧ ଆମକୁ ଏ ଶିକ୍ଷା ଦେଇଛି ଯେ ଭଲ ଓ ଖରାପ ଭିତରେ ପାର୍ଥକ୍ୟ ଆମେ କରିପାରିବୁ । ମୁଁ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣମାନେ ଆମର ଆମ ଘରୁ ବାହାରିବା ଠାରୁ ନେଇ ପୁଣି ଫେରିବା ପର୍ଯ୍ୟନ୍ତ ବହୁତ ଧାନ ରଖିଲେ ।

ଶିରିଆର ଜଣେ ବନ୍ଧୁ ଶ୍ରୀମାନ୍ ଅକରମଦ୍ ଦୁମାନି ସାହେବ୍ କହୁଛନ୍ତି ମୋତେ ଯମାତ୍ ଅହେମଦୀୟାର ପରିଚୟ ଏକମାସ ପୂର୍ବେ ଅହେମଦୀମାନଙ୍କର ଗୋଟିଏ ତବ୍‌ଲିଗ୍ ମିଟିଙ୍ଗରେ ଜଣେ ବନ୍ଧୁଙ୍କ ଦ୍ୱାରା ହୋଇଥିଲା । ମୁଁ ସେଠାରେ ପ୍ରଥମ ଥର ପାଇଁ ଯମାତ୍ ଅହେମଦୀୟା ବିଷୟରେ ଶୁଣିଲି । ପୁଣି ମୁଁ ନିଜ ଫ୍ୟାମିଲିକୁ ନେଇ ଜଲ୍‌ସାକୁ ଆସିଲି । ଲୋକମାନେ ବହୁତ ଭଲ ଓ ଅତିଥି ପରାୟଣ ଥିଲେ । ଯମାତି ଆସ୍ଥା ଓ ଅକିଦା ବିଷୟରେ ବହୁତ ସ୍ନେହର ସହିତ କଥା ହେଉଥିଲେ । ଗୋଟିଏ ଜିନିଷ ଯାହା ମୁଁ ଜଲ୍‌ସାରେ ଦେଖିଲି ମୁଁ ତାକୁ ଚମତ୍କାରବୋଲି ଭାବୁଛି । ତାହା ହେଉଛି ଏତେବଡ଼ ସଂଖ୍ୟାରେ ଲୋକ ଠୁଳ ହେବା ସତ୍ତ୍ୱେ ମଧ୍ୟ ଏହି ତିନିଦିନ ଭିତରେ ଥରେ ମଧ୍ୟ ଝଗଡ଼ା ହୋଇନାହିଁ । ଏପରିକି ହଜ୍ ସମୟରେ ମଧ୍ୟ କେବେ କେବେ ଲୋକେ ଝଗଡ଼ା କରିଦେଇଥାନ୍ତି । କିନ୍ତୁ ମୁଁ ଏଠାରେ କାହାକୁ ଅନ୍ୟ ଖିଲାଫ୍‌ରେ ଉଚ୍ଚ ଶବ୍ଦରେ ମଧ୍ୟ କଥା ହେବାର ମଧ୍ୟ ଶୁଣିନାହିଁ । ଆଉ ଗୋଟିଏ କଥା ମଧ୍ୟ ଯାହାକୁ ମୁଁ ଚମତ୍କାର ଭାବୁଛି ତାହା ହେଉଛି ଅହେମଦୀ ଅତିଥିମାନେ ମହିଳାମାନଙ୍କୁ ଭଉଣୀ ହିସାବରେ ଓ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ । ଏପରିକି ମୋ ସ୍ତ୍ରୀ ମୋତେ ମଧ୍ୟ କହିଲେ ଯେ ମୁଁ କାହାକୁ ଖରାପ ଦୃଷ୍ଟିରେ ଦେଖିବାର ପାଇଲିନାହିଁ । ଯେତେବେଳେ ଖଲିଫା ଆରବୀୟଙ୍କ ସହିତ ମିଶିଲେ ସେତେବେଳେ ମୁଁ ଚାହିଁଥିଲି ଯେ ମୋ ଭାଇ ଯିଏ ଶିରିଆରେ ହଜିଯାଇଛନ୍ତି ତାଙ୍କ ପାଇଁ ଦୁଆର ଦରଖାସ୍ତ କରିବିବୋଲି । କାରଣ ମୋର ବିଶ୍ୱାସ ହୋଇଯାଇଥିଲା ଯେ ଖଲିଫା ଜଣେ ସ୍ୱାଲେହ(ସତ୍ୟନିଷ୍ଠ)ବ୍ୟକ୍ତି ଅଟନ୍ତି । ଏବଂ ତାଙ୍କର ଦୁଆ ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣୀୟ ହେଉଅଛି ।

ଶିରିଆର ଆଉ ଜଣେ ମହିଳା ରିହାଫୁଲ୍ ୟୁସୁଫ୍ ବର୍ଣ୍ଣନା କରିଛନ୍ତି ଯେ ଜଲ୍‌ସା ବହୁତ ଭଲ ଥିଲା । ମୁଁ ଫେସ୍‌ବୁକ୍‌ରେ ଯମାତ୍ ବିଷୟରେ ଜାଣିପାରିଥିଲି । ପୁଣି ମୁଁ ଜଲ୍‌ସାକୁ ଆସିବା ପାଇଁ ନିଷ୍ପତି ନେଲି । ଯଦ୍ୱାରା ଯମାତ୍ ବିଷୟରେ ଅଧିକ କିଛି ଜାଣିପାରିବି । ମୁଁ ଭାଷଣ ଗୁଡିକ ଶୁଣିଲି ଏବଂ କିଛି ପ୍ରଶ୍ନ ମଧ୍ୟ ପଚାରିଲି । ସେଥି ମଧ୍ୟରୁ ଯେଉଁ ଉତର ଗୁଡିକ ଦିଆଗଲା ତା ବାସ୍ତବିକତା ଉପରେ ନିହିତ ଥିଲା । ଏବଂ କିଛି ବିଷୟରେ ମୋତେ ଆହୁରି ଅଧିକ ଗବେଷଣା କରିବାର ଆବଶ୍ୟକ ଅଛି । ଆପଣମାନେ ବାସ୍ତବିକ ରୂପେ ବହୁତ ସତ୍ୟବାଦୀ । ଆପଣଙ୍କ ନିକଟରେ ବାସ୍ତବିକ ତକ୍‌ୱା ଓ ଇମାନ୍ ଅଛି । ମୁଁ ଆପଣମାନଙ୍କ ନିକଟରେ ପ୍ରେମ ଓ ଶାନ୍ତିକୁ ପାଇପାରିଲି ଏବଂ ଏଠାରେ ଆମକୁ ବହୁତ ପ୍ରେମ ଓ ସମ୍ମାନ ମିଳିଲା ।

ଆରବର ଜଣେ ନୈମୋବାଏ ନୁରୁଦ୍ଦିନ୍ ଅଲଜୁମା ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ ମୁଁ କିଛି ଦିନ ପୂର୍ବେ ଯାମିଆ ଅହେମଦୀୟା ଜର୍ମାନୀଠାରେ ଆରବୀୟଙ୍କ ସହିତ ଗୋଟିଏ ମିଟିଙ୍ଗ୍‌ରେ ବୟତ କଲି । ଏହା ହେଉଛି ମୋର ପ୍ରଥମ ଜଲ୍‌ସା । ଏହା ମୋତେ ଭିତରୁ ପରିବର୍ତନ କରିଦେଲା । ମୋ ପାଇଁ ବହୁତ ଖୁସିର ସମୟ ବା ସରପ୍ରାଇଜ୍ ସେ ସମୟରେ ହେଲା, ଯେତେବେଳେ ମୁଁ ଜାଣିପାରିଲି ଯେ ବୟତ ସମୟରେ ମୁଁ ସବୁଠାରୁ ଆଗରେ ବସିବି । ମୁଁ ବିଶ୍ୱାସ କରିପାରୁନଥିଲି ଯେ ଖଲିଫତୁଲ୍ ମସିହଙ୍କ ପବିତ୍ର ହାତରେ ମୋ ହାତ ରହିବ ବୋଲି । ଯେତେବେଳେ ଅମିରୁଲ୍ ମୁମେନିନ୍ ହଲ୍ ଭିତରେ ପ୍ରବେଶ କଲେ ସେଠାରେ ଉପସ୍ଥିତ ଥିବା ଲୋକମାନେ ନାରା ଲଗାଇବା ଆରମ୍ଭ କରିଦେଲେ । ଫଳତଃ ମୁଁ କମ୍ପି ଉଠିଲି ଏବଂ ଭୟ ଅନୁଭବ କଲି । କିନ୍ତୁ ଯେତେବେଳେ ହଜୁର୍ ସେଠି ପହଂଚିଗଲେ ତ ମୋର ଭୟ ଦୂର ହୋଇଗଲା ।....ଜଲ୍‌ସାର ପରିସମାପ୍ତିରେ ମୁଁ ଏହା କହିପାରିବି ଯେ ମୁଁ ଜୀବନରେ ପ୍ରଥମ ଥର ପାଇଁ ବାସ୍ତବିକ ଇସ୍‌ଲାମ୍‌କୁ ଦେଖିଅଛି । ନମାଜ ପଢ଼ିବା ପାଇଁ ପ୍ରଥମରୁ ଅଧିକ ଚେଷ୍ଟା କରୁଅଛି । ନିଜ ଭିତରେ ବହୁତ ବଡ଼ ପରିବର୍ତନ ପାଉଛି ।

ବେଲ୍‌ଜିୟମ୍‌ର ଜଣେ ବନ୍ଧୁ ମୋକରମ୍ ୟୁସୁଫୁଲ୍ ଗନି ସାହେବ୍ ବର୍ଣ୍ଣନା କରୁଛନ୍ତି-ଜଲ୍‌ସା ସାଲାନା ଜର୍ମାନୀରେ ଯୋଗଦେବା ମୋ ପାଇଁ ବହୁତ ଅଭିନବ ଅନୁଭବ ଥିଲା କାରଣ ଏହି ଜଲ୍‌ସାରେ ହଜୁର୍ ଅନୁଓ୍ୱର ଅ:ବ:ଅ ନିଜେ ଉପସ୍ଥିତ ଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ ଓ ବାକି ଅନ୍ୟ ବକ୍ତା ମାନଙ୍କର ବକ୍ତବ୍ୟ ମଧ୍ୟ ବହୁତ ଉତମ ଥିଲା । ମୋ ପିଲାମାନେ ମୋ ସହିତ ଆସିଛନ୍ତି । ପିଲାମାନେ ମଧ୍ୟ ଏହି ଜଲ୍‌ସାରୁ ବହୁତ ଲାଭ ଉଠାଇଲେ । ଯେତେବେଳେ ଆମେ ଜଲ୍‌ସାରୁ ଫେରିବାକୁ ଲାଗିଲୁ ପିଲାମାନେ କହିଲେ ଯେ ଆମେ କଣ ଆଉ କିଛିଦିନ ଏଠି ରହିପାରିବାନି । ଏହା ହେଉଛି ଜଲ୍‌ସା ବିଶେଷତା ଯିଏ ଏଥିରେ ସାମିଲ୍ ହେଉଛି ତା ମନ କହୁଛି ଯେ ଏହି ପବିତ୍ର ଦିନ ଗୁଡିକ କଦାପି ଶେଷ ନହେଉ । ଯମାତ୍‌ର ସମସ୍ତ ଲୋକମାନେ ବହୁତ ଭଲ ବ୍ୟବହାର କରୁଥିଲେ, ଯାହା ଆଉ କେଉଁଠି ଦେଖିବାକୁ ମିଳେନାହିଁ ।

ଆଉଜଣେ ଶିରିଆର ନୌମୋବାଏ ଯୁବକ ଇବ୍ରାହିମୁଲ୍ ଖଲଫ୍ କହୁଛନ୍ତି ଜଲ୍‌ସାର ପ୍ରତ୍ୟେକ ଜିନିଷ ବହୁତ ଭଲ ଥିଲା । ଏପରି ଲାଗୁଥିଲା ଯେମିତି ଆଉ କେଉଁ ଦୁନିଆରେ ଆମେ ଅଛୁ । ଯେତେବେଳ ହଜୁର୍ ଆରବୀୟ ମାନଙ୍କ ସହିତ ସାକ୍ଷାତ୍ କଲେ । ସେତେବେଳେ ଅଲ୍ଲାଃତାଲା ମୋତେ ହଜୁରଙ୍କର ପବିତ୍ର ହାତରେ ଚୁମା ଦେବା ପାଇଁ ଅବସର ଦେଲେ । ମୋ ପାଇଁ ଏହା ବହୁତ ବଡ଼ କଥା ଥିଲା । ଜଲ୍‌ସା ପରେ ହଜୁର୍ ନୌମୋବାଏ ମାନଙ୍କ ସହିତ ସାକ୍ଷାତ୍ କଲେ ଏବଂ ମୁଁ ସେଠାରେ ମଧ୍ୟ ଉପସ୍ଥିତ

ଥିଲି । ମୋ ପାଇଁ ବର୍ତମାନ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ବିଷୟ ମୋ ପାଇଁ ଏହା ଥିଲା ଯେ ମୁଁ ହଜୁରଙ୍କ ସାଥିରେ ଥିଲି । କେବଳ ଗୋଟିଏ କଥା ଯାହା ମୋତେ ଜଲ୍‌ସା ସାଲାନା ସମୟରେ ବହୁତ ଦୁଃଖିତ କରିଥିଲା ତାହା ହେଉଛି ମୋ ସ୍ତ୍ରୀ ମୋ ସାଙ୍ଗରେ ନଥିଲା । ସେ ମଧ୍ୟ ହଜୁରଙ୍କ ହାତରେ ବୟତ କରିଥାଆନ୍ତେ । ତାର ମଧ୍ୟ ଜଲ୍‌ସାକୁ ଆସିବାର ବହୁତ ଇଛା ଥିଲା । କିନ୍ତୁ ଗର୍ଭବତୀ ହେବାଯୋଗୁଁ ଯାତ୍ରା କରିବା ବହୁତ କଠିନ ଥିଲା । ବର୍ତମାନ ମୁଁ ଏହା ଅନୁଭବ କରୁଛି ଯେ ମୁଁ ହେଉଛି ଦୁନିଆର ସବୁଠାରୁ ସୌଭାଗ୍ୟଶାଳୀ ବ୍ୟକ୍ତି । ଆମେ ଲଗାତାର ତିନିଦିନ ଯମାତ୍ ଅହେମଦୀୟାର ଆଧ୍ୟାତ୍ମିକ ଡାଇନିଂ ହଲ୍‌ରୁ ଆଧ୍ୟାତ୍ମିକ ଖାଦ୍ୟ ଖାଇଲୁ । ଅଲ୍‌ହମ୍‌ଦୋଲିଲ୍ଲାଃ ।

ଶିରିଆର ଆଉ ଜଣେ ବନ୍ଧୁ ମହମଦଲ୍ ଅଲୀ ବର୍ଣ୍ଣନା କରୁଛନ୍ତି ମୁଁ ଦ୍ୱିତୀୟ ଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି । ଏବର୍ଷ ଜଲ୍‌ସାର ବ୍ୟବସ୍ଥା ଅଧିକ ସୁନ୍ଦର ଥିଲା । ମୁବଲିଗିନ୍ ଏବଂ କର୍ମୀମାନେ ଆଗଠାରୁ ବଳି ଫୁର୍ତି ଲାଗୁଥିଲେ । ଏପରିକି ସକାଳେ ହୋଟେଲ୍‌ଠାରୁ ନେଇ ଜଲ୍‌ସାଗାଃ ପର୍ଯ୍ୟନ୍ତ ଏବଂ ସଂନ୍ଧ୍ୟାରେ ଜଲ୍‌ସାଗାଃରୁ ନେଇ ହୋଟେଲ୍ ପର୍ଯ୍ୟନ୍ତ ଅହେମଦୀ ବସ୍ ଭିତରେ ଅତିଥିମାନଙ୍କ ପ୍ରଶ୍ନର ଉତର ଦେଇ ଚାଲିଥିଲୁ । ଏବଂ ଯମାତ୍‌ର ଅକିଦାଗୁଡିକ ବର୍ଣ୍ଣନା କରୁଥିଲେ । ଏବର୍ଷ ସବୁଠାରୁ ସୁନ୍ଦର ଏବଂ ଏକକ ଜିନିଷ ଥିଲା ଖଲିଫାଙ୍କର ଆରବୀୟ ଅହେମଦୀମାନଙ୍କ ସହିତ ଏବଂ ଅନ୍ୟ ଅତିଥିମାନଙ୍କ ସହିତ ସାକ୍ଷାତ୍‌କାର । ମୁଁ ସମସ୍ତ ଆୟୋଜକମାନଙ୍କୁ ଏବଂ ସେବକମାନଙ୍କୁ ଧନ୍ୟବାଦ ଜଣାଉଛି ।

ଉସାମା ଅବୁ ମହମ୍ମଦ୍ ଜେଲୀ ବର୍ଣ୍ଣନା କରୁଛନ୍ତି ଯେ ଜଲ୍‌ସାରେ ଏତେ ଉପସ୍ଥାନ ହେବା ସତ୍ତ୍ୱେ ମଧ୍ୟ ବ୍ୟବସ୍ଥାଗୁଡିକ ବହୁତ ଭଲ ଥିଲା ଏବଂ ଶାନ୍ତିରେ କାମ ହେବା ପାଇଁ ପ୍ରତ୍ୟେକ ପ୍ରକାର ସାବଧାନତା ଅବଲମ୍ବନ କରାଯାଇଥିଲା । ଆମର ଅହେମଦୀ ଭାଇମାନେ ଆତିଥ୍ୟତା ଏବଂ ରହିବାର ବ୍ୟବସ୍ଥାକୁ ବହୁତ ସୁନ୍ଦର ରୂପେ ତୁଲାଇ ଆମର ସେବା କଲେ ଏବଂ ଏକଥା ବହୁତ ସ୍ପଷ୍ଟ ଅଟେ ଯେ ଏମାନଙ୍କର କଥା ଓ କର୍ମ ଭିତରେ ସେହି ସତ୍ୟତା ଦୃଷ୍ଟିଗୋଚର ହେଉଥିଲା ଯାହାକୁ ଆମେ ବହୁତ ଗୁଡିଏ ଇସ୍‌ଲାମୀ ଫିର୍‌କାମାନଙ୍କ ଭିତରେ ପାଉନାହୁଁ । ମୁଁ ଅହେମଦୀ ତ ନୁହେଁ କିନ୍ତୁ ଆପଣ ସମସ୍ତଙ୍କର ପ୍ରଶଂସା ନ କରି ରହିପାରୁନାହିଁ ।

ବେଲ୍‌ଜିଅମ୍‌ରୁ ଆସିଥିବା ଆକ୍‌ଜୁଆ ସୋମିଆ ସାହିବା ଯାହାଙ୍କର ସମ୍ପର୍କ ମରାକଶ୍ ସହିତ ଅଛି ସେ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ୍ ହୋଇଥିଲେ । ଗୋଟିଏ ବର୍ଷ ଜେରେ ତବ୍‌ଲିଗ୍ ରହିବା ପରେ ଏ ବର୍ଷ ଜଲ୍‌ସା ସାଲାନା ଜର୍ମାନୀରେ ହଜୁର୍ ଅନୁୱରଙ୍କ ହାତରେ ବୟତ କରି ଯମାତ୍ ଅହେମଦୀୟାରେ ସାମିଲ୍ ହୋଇଛନ୍ତି । ସେ କହିଲେ ହଜୁର୍ ଅନୁୱରଙ୍କର ଅଭିଭାଷଣ ଏବଂ ଆପଣଙ୍କର ଉପଦେଶାବଳୀ ମୋ ହୃଦୟକୁ ସମ୍ପୂର୍ଣ୍ଣ ରୂପେ ପରିବର୍ତନ କରିଦେଲା ।

ଫ୍ରାନ୍‌ସରେ ରହୁଥିବା ଆଇଭରି କୋଷ୍ଟର ଜଣେ ଅହେମଦୀ ଜମାନ୍ଦେ ଆଦ୍‌ମା ଯାହାଙ୍କର ବାପା ଅହେମଦୀ ଥିଲେ କିନ୍ତୁ ତାଙ୍କର ସମ୍ପର୍କ ଯମାତ୍ ସହିତ ଛିନ୍ନ ହୋଇଯାଇଥିଲା, ସେ ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ । ନିଜର ଭାବକୁ ବ୍ୟକ୍ତ କରି ଲେଖୁଛନ୍ତି–ଜର୍ମାନୀ ଜଲ୍‌ସାର ତିନିଦିନରେ ଯାହା କିଛି ମୁଁ ଅନୁଭବ କରିଛି ତାହା ଅବର୍ଣ୍ଣନୀୟ । ଯେପରି ମୋତେ ନୂଆ ଜୀବନ ମିଳିଯାଇଛି । ମୁଁ ମୋର ପ୍ରକୃତ ଖାନ୍‌ଦାନ୍ ସହିତ ମିଶିଲି । ମୋତେ ସେହି ଆଧ୍ୟାତ୍ମିକ ଓରାସତ୍ ବିଷୟରେ ଜ୍ଞାନ ମିଳିଲା, ଯାହାକୁ ମୋ ବାପା ମୋ ପାଇଁ ଛାଡ଼ି ଯାଇଥିଲେ । ଏହା ଯେତେବେଳେ ମୁଁ ମୋ ଭାଇମାନଙ୍କୁ ବତାଇଲି ସେମାନେ ମଧ୍ୟ ଖୁସିହେଲେ । ଜଲ୍‌ସାରେ ମୋ ଫଟୋଗୁଡିକୁ ଦେଖି ଖୁସିହେଲେ । ଯମାତ୍ ଅହେମଦୀୟା ସହିତ ପୁନର୍ବାର ସମ୍ପର୍କ ସ୍ଥାପନ ହୋଇଯିବା ଯୋଗୁଁ ମୋ ଆଖିରେ କୃତଜ୍ଞତାର ଅଶ୍ରୁ ଭରିଗଲା ।

ଅଲ୍‌ଜଜାଏର୍ ଆସିଥିବା ଜଣେ ଅତିଥି କହିଲେ ଆପଣମାନଙ୍କର ଉତମ ଆତିଥ୍ୟତାକୁ ମୁଁ ଧନ୍ୟବାଦ ଅର୍ପଣ କରୁଛି । ଯମାତ୍ ଅହେମଦୀୟାର ଘରକୁ ପରିଦର୍ଶନ କରିବାର ଅନୁଭବ ବହୁତ ଉତମ ଥିଲା । ଆପଣମାନେ ଏହି ଜଲ୍‌ସାକୁ କାମିୟାବ୍ କରିବା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ କାମ କରିଛନ୍ତି । ଯେଉଁଦିନ ନା ସନ୍ତାନ କାମଦେବେ ନା ଧନ କାହାର କାମ ଦେବ, କେବଳ ତା ଛଡ଼ା ଯିଏ ସ୍ୱଚ୍ଛ ହୃଦୟ ନେଇ ଖୁଦାତାଲାଙ୍କ ସମ୍ମୁଖରେ ଉପସ୍ଥିତ ହେବ । ସେହିଦିନ ପୁଣ୍ୟଗୁଡିକୁ ଅଲ୍ଲାଃତାଲା ଆପଣଙ୍କ ପଲାରେ ପକାଇବେ । ଯମାତ୍ ଅହେମଦୀୟାର ଖଲିଫାଙ୍କ ସହିତ ମୋର ସାକ୍ଷାତ୍‌କାର୍ ବହୁତ ଉତମ ଥିଲା । ତାଙ୍କ ଭିତର ମୋତେ ଏକ ଆଧ୍ୟାତ୍ମିକ ଗୁରୁ ଦୃଷ୍ଟିଗୋଚର ହେଲା । ଯିଏ ମାର୍ଗଦର୍ଶକ, ମୁରବୀ, ସହାୟକ ଏବଂ ମାନବ ମୁଲ୍ୟବୋଧକୁ ଉଜାଗର କରୁଥିବା ବ୍ୟକ୍ତି ଏବଂ ଶାନ୍ତି ଓ ପ୍ରେମକୁ ପ୍ରକାଶ କରୁଥିବା ବ୍ୟକ୍ତି ଅଟନ୍ତି ।

ପୂର୍ବ ଜର୍ମାନୀର ପ୍ରାଦେଶିକ ପାର୍ଲିଆମେଂଟ୍ ସହିତ ସମ୍ପର୍କ ରଖିଥିବା ଗ୍ରୀନ୍ ପାର୍ଟିର ମେମ୍ବର୍ ଆଷ୍ଟ୍ରେ ଡ୍ରୋଠେ ବାଇନେଲିସ୍ ସାହିବା ନିଜର ଭାବକୁ ବ୍ୟକ୍ତ କରି କହିଲେ ସର୍ବପ୍ରଥମେ ମୁଁ ଆପଣମାନଙ୍କୁ ଏହି ଜଲ୍‌ସା ପାଇଁ ନିମନ୍ତ୍ରଣ କରିଥିବାରୁ ଧନ୍ୟବାଦ ଜଣାଉଛି । ଏହା ଭିତରେ ପ୍ରବେଶ କରିବା ପରେ ମୋତେ ଏପରି ଲାଗିଲା ଯେପରି ମୁଁ ଇସାଇମାନଙ୍କର କୌଣସି ଇଜ୍‌ତିମାରେ ବସିଛି । କିନ୍ତୁ ଏହା ତ ମୁସଲ୍‌ମାନ ମାନଙ୍କର ଜଲ୍‌ସା ଥିଲା । ଏମାନେ ଏପିର ମୁସଲ୍‌ମାନ ଯାହାଙ୍କଠାରୁ ମୋତେ ସମ୍ମାନ, ଭାତୃଭାବ ର ଭାବନା ଦେଖିବାକୁ ମିଳିଲା । ସବୁଠାରୁ ଅଧିକ ମୋ ମନ ଏ କଥାରେ ପ୍ରଭାବିତ ହେଲା ଯେ ଜଲ୍‌ସାରେ ବିଭିନ୍ନ କୌମ୍‌ର ଲୋକମାନେ ସାମିଲ୍ ଥିଲେ । ସମସ୍ତେ ଅନ୍ୟଜଣଙ୍କ ସହିତ ପ୍ରେମ ଓ ସୌହାର୍ଦ୍ଦ୍ୟର ବ୍ୟବହାର କରୁଥିଲା । ମୁଁ ଆସନ୍ତା ବର୍ଷ ମଧ୍ୟ ଏହି ଜଲ୍‌ସାରେ ସାମିଲ୍ ହେବାକୁ ଚାହୁଁଛି ଏବଂ ଜଲ୍‌ସାରେ ଅଧିକରୁ ଅଧିକ ସମୟ ଅତିବାହିତ କରିବା ପାଇଁ ଚେଷ୍ଟା କରିବି । ଫଳତଃ ଜଲ୍‌ସାର ବିଭିନ୍ନ କାର୍ଯ୍ୟକ୍ରମରୁ ଲାଭ ଉଠାଇପାରିବି । ଇମାମ୍ ଯମାତ୍ ଅହେମଦୀୟାର ଅଭିଭାଷଣ ଶୁଣିବା ପାଇଁ ମଧ୍ୟ ଅବସର ମିଳିଲା । ତାଙ୍କର ଉଜ୍ଜଳ ଚିନ୍ତାଧାରା, ଫିରାସତ୍(ବୁଦ୍ଧିମତା) ଓ ଦୂରଦୃଷ୍ଟି ମୋ ହୃଦୟକୁ ବହୁତ ପ୍ରଭାବିତ କଲା । ଗୋଟିଏ କଥା ଯାହା ମୋତେ ଅଧିକ ପ୍ରଭାବିତ କରିଥିଲା ତାହା ହେଉଛି ଏକ ଖୁଦାର କଳ୍ପନା । ସେହି ଖୁଦା ଯିଏ ମୁସଲ୍‌ମାନ୍, ଇସାଇ, ୟୁହୁଦୀ ଓ ସମଗ୍ର ସଂସାରର ଖୁଦା ଅଟନ୍ତି । ପୁଣି ଏହା ଅନୁଭବ କଲି ଯେ ମନୁଷ୍ୟ ଦୁନିଆରେ ଯେ କୌଣସି ଜାତି, ଧର୍ମ କିମ୍ବା ରଙ୍ଗର ହୁଅନ୍ତୁ ନା କାହିଁକି ସମସ୍ତ ମାନବ ବରାବର ଅଟନ୍ତି ଏବଂ ସମସ୍ତଙ୍କର ଅଧିକାର ମଧ୍ୟ ସମାନ ଅଟେ । ସେ ଯେଉଁଭଳି ସନ୍ତ୍ରାସବାଦୀ ଓ କଠୋରପନ୍ଥୀଙ୍କର ସମାଲୋଚନା କଲେ ତା ଦ୍ୱାରା ମୋ ମନକୁ ବହୁତ ଶାନ୍ତି ମିଳିଲା । ଏହି ବାସ୍ତବିକ ଭାଇଚାରା ଏବଂ ନିଷ୍ଠାରେ ଭରପୁର୍ ଶାନ୍ତିପ୍ରିୟ ମୁସଲ୍‌ମାନଙ୍କର ଇଜ୍‌ତିମାରେ ସାମିଲ୍ ହୋଇଥିବା ଯୋଗୁଁ ମୁଁ କଦାପି ଏହାକୁ ଭୁଲିପାରିବି ନାହିଁ । କିନ୍ତୁ ଏହା ବର୍ତମାନ ଆବଶ୍ୟକ ଯେ ଅଧିକରୁ ଅଧିକ ଲୋକମାନଙ୍କ ପର୍ଯ୍ୟନ୍ତ ଯମାତ୍ ଅହେମଦୀୟାର ଶାନ୍ତିପ୍ରିୟ ଶିକ୍ଷାର ବାର୍ତାକୁ ପହଂଚାଇ ଦିଆଯାଉ । ଏହି କାର୍ଯ୍ୟରେ ମୁଁ ଆପଣଙ୍କୁ ଯଥା ସମ୍ଭବ ସାହାଯ୍ୟ କରିବି ।

ଅଷ୍ଟ୍ରିଆର ଜଣେ ନୌମୋବାଏ ୟୁବକ ଅଜିଜମ୍ ଅବୁବକର୍ ରହିମ୍ ସାହେବ୍ ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ଅହେମଦୀୟତ୍ ଗ୍ରହଣ କରିଥିବା ଯୋଗୁଁ ତାଙ୍କ ମା' ବାପା ତାଙ୍କର ଭୀଷଣ ବିରୋଧ କରୁଛନ୍ତି, ସେ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି- ଜଲ୍‌ସାରେ ଯୋଗଦେବା ପୂର୍ବରୁ ମୁଁ ଏହା ଜାଣିଥିଲି ଯେ ଜଲ୍‌ସାସାଲାନାର ଅଭୁତପୂର୍ବ ଗୁରୁତ୍ୱ ଅଛି । କିନ୍ତୁ ଏ ଜଲ୍‌ସା ମୋ ଚିନ୍ତାଠାରୁ ଅଧିକ ବର୍‌କତ୍ ଓ ଆଧ୍ୟାତ୍ମିକ ଲାଭ ପ୍ରଦାନ କରିଲା । ଯଦି ମୁଁ ପ୍ରଥମଦିନରୁ ଜାଣିଥାନ୍ତି ଯେ ଜଲ୍‌ସାର ପରିବେଶ ଏଡ଼େ ପବିତ୍ର ଓ ଆଧ୍ୟାତ୍ମିକ ବୋଲି ତେବେ ଏଥିରେ ଯୋଗଦେବା ପାଇଁ ପ୍ରଥମରୁ ନିଜକୁ ପ୍ରସ୍ତୁତ କରିଥାନ୍ତି । ଯେଉଁମାନେ ନିଜକୁ ପ୍ରସ୍ତୁତ କରି ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି ସେମାନେ ଏହାର ଲାଭ ଅଧିକ ଉଠାଇଛନ୍ତି । ଏବେ ମୁଁ ଏହା ଜାଣିପାରିଛି ଓ ଆସନ୍ତା ବର୍ଷ ମୁଁ ଆଧ୍ୟାତ୍ମିକ ପ୍ରସ୍ତୁତି ସହିତ ଆସିବି ଏବଂ ବର୍ଷତମାମ ଏହାପାଇଁ ନିଜକୁ ପ୍ରସ୍ତୁତ ରଖିବି, ଯାହାଦ୍ୱାରା ଆସନ୍ତା ବର୍ଷ ମଧ୍ୟ ଏହି ଜଲ୍‌ସାରୁ ଅଧିକରୁ ଅଧିକ ବର୍‌କତ୍ ଲାଭ ଉଠାଇପାରିବି । ସେ ଯେତେବେଳେ ହଜୁରଙ୍କୁ ପ୍ରଥମଥର ପାଇଁ ଦେଖିଲେ ସେତେବେଳେ କହିଲେ ଯେ ହଜୁର୍ ତ ଜ୍ୟୋତିର୍ମୟ ବ୍ୟକ୍ତି ଅଟନ୍ତି । ଆପଣଙ୍କ ଠାରୁ ବାହାରୁଥିବା ଜ୍ୟୋତିର କିରଣ ସୂର୍ଯ୍ୟ କିରଣ ପରି ନିଜ ଭିତରେ ଏକ ଶକ୍ତି ରଖିଅଛି, ଯେତେବେଳେ ଆପଣ ଚାଲୁଥିଲେ ଏପରି ଲାଗୁଥିଲା ଯେ ଜ୍ୟୋତିର ଏକ ଗୋଲାକାର ଯିଏ ନିଜ ପରିବେଶକୁ ପ୍ରଜ୍ୱଳିତ କରି ବହୁତ କ୍ଷିପ୍ର ଗତିରେ ଚାଲୁଅଛି । ଆପଣଙ୍କ ଆଖିରେ ମଧ୍ୟ ବହୁତ ବଡ଼ ଶକ୍ତି ଅଛି । ଆପଣ ଯେତେବେଳେ ଆମ ପାଖଦେଇ ଯାଉଥିଲେ ସେତେବେଳେ ଏପରି ଲାଗୁଥିଲା ଯେ ହଜୁର୍ ଅନୁୱର୍ ମୋ ଉପରେ କୃପାଦୃଷ୍ଟି ରଖିଛନ୍ତି । ସେହି କ୍ଷଣଟି ମୋ ପାଇଁ ବହୁତ ମୂଲ୍ୟବାନ୍ ଥିଲା । ମୁଁ ଏହାକୁ କେବେ ଭୁଲିପାରିବି ନାହିଁ ।

ଆଉ ଜଣେ ଅତିଥି ମିର୍କୋ ୱାଟର୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏତେ ଗରମ ଓ ଭିଡ ହେବା ସତ୍ତ୍ୱେ ମଧ୍ୟ ସବୁ ସ୍ଥାନରେ ଲୋକେ ଜଣେ ଅନ୍ୟଜଣକୁ ସମ୍ମାନ ଦୃଷ୍ଟିରେ ଦେଖୁଥିଲା । ମୁଁ ଅନେକ ଲୋକଙ୍କ ସହିତ ହାତ ମିଳାଇଲି ଏବଂ ତାଙ୍କ ସହିତ ନିଜର ପରିଚୟ କରାଇଲି । ଏହି ଲୋକମାନେ ଯେଉଁଭଳି ସମ୍ମାନ କରୁଥିଲେ ଏଥିରୁ କୌଣସି ପ୍ରକାରର କୃତ୍ରିମତା ନଥିଲା । ବରଂ ଏହାଭିତରେ ଗୋଟିଏ ସତ୍ୟତା ପ୍ରତିପାଦନ ହେଉଥିଲା । ଯମାତ୍ ଅହେମଦୀୟାର ଇମାମ୍ ମହିଳାମାନଙ୍କ ନିକଟକୁ ମଧ୍ୟ ଗଲେ ଏବଂ ସେଠାରେ ମହିଳାମାନଙ୍କୁ ସମ୍ବୋଧନ କଲେ ଏବଂ ସେମାନଙ୍କ ଭିତରୁ ଯେଉଁ ମହିଳାମାନେ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିଲେ ସେମାନଙ୍କୁ ପୁରଷ୍କାର ପ୍ରଦାନ କଲେ । ପୁଣି ସେ କହିଲେ ଯେ ଯେଉଁ ମହିଳାମାନେ କାମ

କରୁଛନ୍ତି ସେମାନଙ୍କର ଟଙ୍କା ତାଙ୍କ ନିଜର ଅଟେ । କିନ୍ତୁ ଯଦି ପୁରୁଷ କାମ କରେ ତା ଉପରେ ଏହା ଧାର୍ଯ୍ୟ ଅଟେ ଯେ ସେ ସମସ୍ତଙ୍କର ଧ୍ୟାନ ରଖିବ । ମହିଳାମାନେ ଅଧିକା ଶକ୍ତିଶାଳୀ ଅଟନ୍ତି ଏଇଥିବାଇଁ ଯେ ତାଙ୍କ ଉପରେ ପିଲାମାନଙ୍କର ଲାଳନପାଳନର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ବାସ୍ତବିକତା ଏହା ଅଟେ ଯେ ପୁରୁଷମାନେ ଏପରି କଠିନ କାର୍ଯ୍ୟକୁ କରିପାରିବେ ନାହିଁ । ପୁଣି ଦ୍ୱିତୀୟ ଦିନ ଇମାମ୍ ଯମାତ୍ ଅହେମଦୀୟା ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଯେଉଁଭଳି ଉପସ୍ଥାପନ କଲେ ତାହା ମଧ୍ୟ ଆଶ୍ଚର୍ଯ୍ୟଜନକ ଥିଲା । ମୋତେ କେଉଁଠାରେ ବି ଏପରି ଲାଗିଲା ନାହିଁ ଯେ ସେ ନିଜର ତତ୍ତ୍ୱକୁ ନମ୍ରତାର ସହିତ ଉପସ୍ଥାପନ କରିବା ପାଇଁ କଷ୍ଟ ଉଠାଉଛନ୍ତି ବୋଲି । ଏହି ଜଲ୍‌ସାରେ ସାମିଲ୍ ହୋଇ ଓ ଖଲିଫାଙ୍କୁ ଦେଖି ମୁଁ ଜାଣିପାରିଲି ଯେ ଅହେମଦୀମାନେ ନିଜ ପ୍ରିୟ ଖଲିଫାଙ୍କର କାହିଁକି ଏତେ ସମ୍ମାନ କରୁଛନ୍ତି ନିଶ୍ଚିତ ରୂପେ ସେ ଜଣେ ପ୍ରଭାବ୍ୟଶାଳୀ ବ୍ୟକ୍ତିତ୍ୱ ଥିଲେ । ଜଣେ ପୁନ୍ୟବାନ ଓ ସମ୍ମାନୀୟ ମନୁଷ୍ୟ ଥିଲେ । ତାଙ୍କ କଥାରୁ ହିଁ ତାଙ୍କର ଉତମ ଚରିତ୍ର ସ୍ପଷ୍ଟ ହୋଇଯାଉଥିଲା । ବିଷୟ କେତେ କଠିନ ହୋଇଥାଉ ନା କାହିଁକି ସେ ନିଜର ଅକିଦାକୁ ଅତ୍ୟନ୍ତ ସ୍ୱଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି । ମୋତେ ଏହା ବହୁତ ଭଲ ଲାଗିଲା ଯେ ଅହେମଦୀମାନେ ଶିକ୍ଷା ଉପରେ ବହୁତ ଗୁରୁତ୍ୱ ଦେଉଛନ୍ତି ଏବଂ ଯେଉଁମାନେ ଯମାତ୍‌ରେ ସାମିଲ୍ ହେବାକୁ ଚାହୁଁଛନ୍ତି ସେମାନଙ୍କୁ ମଧ୍ୟ କହୁଛନ୍ତି ଯେ ପ୍ରଥମେ ଯମାତ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ପଢ଼ନ୍ତୁ ଓ ଏହାପରେ ଯମାତ୍‌ରେ ସାମିଲ୍ ହୁଅନ୍ତୁ । ଏହିପରି ବହୁ ସଂଖ୍ୟାରେ ଲୋକମାନେ ଏକାଠି ମିଶି ନିଜର ଖୁଦାକୁ ଡାକୁଛନ୍ତି ଏହି ଦୃଶ୍ୟ ମଧ୍ୟ ବହୁତ ସୁନ୍ଦର ଏବଂ ହୃଦୟକୁ ଉଲ୍ଲସିତ କରୁଥିଲା । ଏହାକୁ ବର୍ଣ୍ଣନା କରିବା କଷ୍ଟକର ।

ସୁଇଜରଲାଣ୍ଡର ଜଣେ ଅତିଥି ଜିମ୍‌ଜ ଲଣ୍ଡନର୍ ଯାହାଙ୍କ ଇସାଇ ଫିର୍‌କା The Church of Jesus Christ of Latter day saints ସହିତ ସମ୍ପର୍କ ଅଛି ସେ ହଜୁର୍ ଅନୁଓ୍ୱର୍‌ଙ୍କର ଅଭିଭାଷଣ ଶୁଣିଲା ପରେ ଜଣେ ଅହେମଦୀ ବନ୍ଧୁଙ୍କ ପାଖକୁ ଆସି କହିଲେ ଯେ ମୁଁ ଆପଣଙ୍କ ଖଲିଫାଙ୍କ ଠାରୁ ଅଟୋଗ୍ରାଫ୍ ନେବାକୁ ଚାହୁଁଛି । ଯେତେବେଳେ ତାକୁ ପଚରାଗଲା ଯେ ତୁମ ମନରେ ଅଟୋଗ୍ରାଫ୍ ନେବା ପାଇଁ କିପରି ଧ୍ୟାନ ଆସିଲା । ସେ କହିଲେ ଯେ ଏହି ବ୍ୟକ୍ତିଙ୍କ ଭିତରେ ନିଶ୍ଚିତ ରୂପେ କୌଣସି ବିଶେଷତା ଅଛି ଯାହା କିଛି ସେ କହିଲେ ବିଲ୍‌କୁଲ୍ ଠିକ୍ କହିଲେ । ଯେତେବେଳେ ମୁଁ ତାଙ୍କର ଅଭିଭାଷଣ ଶୁଣୁଥିଲି ସେତେବେଳେ ମୋତେ ଲାଗୁଥିଲା ଯେ ତାଙ୍କ ଅନ୍ତରରୁ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ର ଧ୍ୱନି ନିର୍ଗତ ହେଉଅଛି ।

ଦୁଇଜଣ ଜେରେ ତବ୍‌ଲିଗ୍ ଅତିଥି ହର୍‌ତେମ୍ ସେଲ୍ୟୁତିନ୍ ସାହେବ୍ ଏବଂ ଓନର୍ ଓଜ୍‌ଦେନିର୍ ସାହେବ୍‌କୁ ଯେତେବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ କାର୍ଯ୍ୟବେସ୍ତତାର ସିଡୁଲ୍ ବତାଇ ଦିଆଗଲା ସେମାନେ ଆଶ୍ଚର୍ଯ୍ୟ ହୋଇ କହିଲେ ଇମାମ୍ ଯମାତ୍ ଅହେମଦୀୟା କେବଳ ଶାନ୍ତି ପ୍ରତିଷ୍ଠା କରିବା ପାଇଁ କଥା କହୁନାହାଁନ୍ତି ବରଂ ତାକୁ କାର୍ଯ୍ୟରେ ପରିଣତ କରି ଶାନ୍ତି ପ୍ରସାର କରିବା ପାଇଁ ଚେଷ୍ଟାରତ । ତାଙ୍କ ଭାଷଣରୁ ମଧ୍ୟ ବିଲ୍‌କୁଲ୍ ସ୍ୱଷ୍ଟ ହୋଇଯାଉଛି ଯେ ଇସ୍‌ଲାମ୍ ହେଉଛି ଶାନ୍ତିର ଧର୍ମ । ତାଙ୍କ ଚେହେରାରେ ବହୁତ ଜ୍ୟୋତି ଓ ଶାନ୍ତି ଦୃଷ୍ଟିଗୋଚର ହେଉଛି ।

ଜଲ୍‌ସାଗାଃରେ ହୋଇଥିବା ଓକାରେ ଅମଲ୍ ବିଷୟ ଯେତେବେଳେ ତାଙ୍କୁ କୁହାଗଲା ସେମାନେ ଆଶ୍ଚର୍ଯ୍ୟ ହୋଇ କହିଲେ ଯେ ଏପରି ଭୌତିକ ଯୁଗରେ କିଏ ନିଜର ସମୟ ଏବଂ ଧନକୁ ଖର୍ଚ୍ଚ କରୁଛି । ଏଠାରେ ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାସେବକ ଓ ବିନମ୍ରତାର ଜୀବନ୍ତ ପ୍ରତିଛବି ଅଟନ୍ତି । ଆମେ ମୁସଲ୍‌ମାନ ମାନଙ୍କର ବହୁତ ଫିର୍‌କା ଦେଖିଛୁ କିନ୍ତୁ ଯମାତ ଅହେମଦୀୟା ଠାରୁ ଭଲ୍ ଫିର୍‌କା ଆଉ ନାହିଁ । ଅହେମଦୀୟତ୍ ହିଁ ବାସ୍ତବିକ ଇସ୍‌ଲାମ୍ ଅଟେ ।

## ଜଲ୍‌ସା ସାଲାନା ଜର୍ମାନୀର ମିଡ଼ିଆ କଭରେଜ୍

ଅଲ୍ଲାଃଙ୍କ କୃପାରୁ ଜଲ୍‌ସାସାଲାନା ଜର୍ମାନୀର ପ୍ରସାରଣ ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆରେ ବହୁତ ବ୍ୟାପକ ରୂପେ କଭରେଜ୍ କରାଯାଇଥିଲା । ଜଲ୍‌ସାର ପ୍ରଥମ ଦିନ ନମାଜ ଜୁମା ପାଠ ପରେ ପ୍ରେସ୍ କନ୍‌ଫରେନ୍‌ସ ଅନୁଷ୍ଠିତ ହେଲା । ଯେଉଁଥିରେ ଇଂଟରନ୍ୟାସ୍‌ନାଲ୍, ନ୍ୟାସ୍‌ନାଲ୍ ଏବଂ ଲୋକାଲ୍ ଇଲେକ୍‌ଟ୍ରୋନିକ୍ ଓ ପ୍ରିଂଟ୍ ମିଡ଼ିଆର ଜର୍ନାଲିଷ୍ଟ ଓ ପ୍ରତିନିଧିମାନେ ସାମିଲ୍ ହୋଇଥିଲେ ।

ଇଂଟର୍‌ନ୍ୟାସନାଲ୍ ମିଡ଼ିଆମାନଙ୍କ ମଧ୍ୟରୁ ଇଟାଲୀ, ମାସିଡୋନିଆ, ଅଷ୍ଟ୍ରିଆ, ବ୍ରାଜିଲ୍ ଏବଂ ବେଲ୍‌ଜିଅମ୍‌ର ଟି.ଭି ଓ ଖବରକାଜଗ ଗୁଡିକର ପ୍ରତିନିଧିମାନେ ସାମିଲ୍ ହୋଇଥିଲେ । ଜାତୀୟ ସ୍ତରରେ ଜର୍ମାନୀର ଚାରିଟି ଟି.ଭି ଷ୍ଟେସନ୍ ଓ ତିନୋଟି ପ୍ରିଂଟ୍ ମିଡ଼ିଆର ପ୍ରତିନିଧି ଉପସ୍ଥିତ ଥିଲେ । ଲୋକାଲ୍ ସ୍ତରରେ ଗୋଟିଏ ଟି.ଭି., ରେଡିଏ ଓ ଚାରିଗୋଟି ପ୍ରିଂଟ୍ ମିଡ଼ିଆର ପ୍ରତିନିଧି ଉପସ୍ଥିତ ଥିଲେ । ମୋଟାମୋଟି ଭାବେ ଜଲ୍‌ସା ସାଲାନା ଜର୍ମାନୀର ତିନି ଦିନର କଭ୍‌ରେଜ୍ କରାଗଲା । ରିପୋର୍ଟ ମୁତାବକ ପାଂଚୋଟି ଟି.ଭି ଚ୍ୟାନେଲ୍, ତିନୋଟି ରେଡ଼ିଏ ଚ୍ୟାନେଲ୍ ଏବଂ ଏକଷଠି ଟି ଖବରକାଗଜ ଏବଂ ଅନ୍ୟାନ୍ୟ ପ୍ରିଂଟ୍ ମିଡ଼ିଆ ମାଧ୍ୟମରେ ପାଂଚକୋଟି ବୟାନବେ ଲକ୍ଷ ଛପନ ହଜାର ପାଂଚଶହ ତେର ଜଣ ଲୋକ ପର୍ଯ୍ୟନ୍ତ ବାର୍ତା ପହଂଚିଲା । ଏତଦ୍‌ବ୍ୟତୀତ ଇଂଟର୍‌ନ୍ୟାସ୍‌ନାଲ୍ ମିଡ଼ିଆରେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଯେଉଁ କଭ୍‌ରେଜ୍ ହେବାର ଆଶା ଅଛି ତା ମାଧ୍ୟମରେ ସେମାନଙ୍କ ଦେଖଣାହାରୀଙ୍କ ମୁତାବକ ଚାରିକୋଟି ତେର ଲକ୍ଷ ବାର ହଜାର ଲୋକ ପର୍ଯ୍ୟନ୍ତ ବାର୍ତା ପହଂଚିବ ।

ଅତିତ ଅପେକ୍ଷା ଏ ବର୍ଷ ମିଡ଼ିଆ ଏଥରକ କେବଳ ଧାରଣା ଦେଲେ ନାହିଁ ବରଂ କିଛି ରିପୋର୍ଟର ଜଲ୍‌ସାଗାଃରେ ବୁଲି ବୁଲି ବିଭିନ୍ନ ଲୋକଙ୍କର ଇଂଟର୍‌ଭ୍ୟୁ ନେଲେ । ସେହିପରି ଉମୁରେ ଖାରଜା ବିଭାଗର କାର୍‌କୁନ୍ ମାନଙ୍କର, ଲଜ୍‌ନାଙ୍କର , ପାର୍କିଂ ଏରିଆର ରେଜିଷ୍ଟ୍ରେସନ୍ ଇତ୍ୟାଦି ରେ ମୃତୟନ ଥିବା ସାଧାରଣ ଅହେମଦୀୟଙ୍କ ଠାରୁ ମଧ୍ୟ ଇଂଟର୍‌ଭ୍ୟୁ ନେଲେ ଓ ତାର ଚର୍ଚ୍ଚା ମଧ୍ୟ କଲେ । ଉଣା ଅଧିକେ ପ୍ରତ୍ୟେକ ପ୍ରତିନିଧି ଯେଉଁମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ପ୍ରେସ୍ କନ୍‌ଫରେନ୍‌ସରେ ସାମିଲ୍ ଥିଲେ ସେମାନେ ଅତି କମ୍‌ରେ ଜଲ୍‌ସାଗାଃରେ ତିନି ଘଂଟା ବିତାଇଲେ । ବିଭିନ୍ନ ସ୍ଥାନକୁ ଯାଇ ଇଂଟରଭ୍ୟୁ ନେଉଥିଲେ । ଜଣେ ରିପୋର୍ଟର କେତେ ଘଂଟରା ଅଡ଼ିଓ ଏବଂ ରେକର୍ଡିଂ ମଧ୍ୟ କଲେ । ଉର୍ଦ୍ଦୁ ବକ୍ତବ୍ୟ ଏବଂ ତିଲାଓ୍ୱତ୍ ଗୁଡିକୁ ମଧ୍ୟ ରେକର୍ଡ଼ କଲେ ।

ZDF+T.V ଖବର ପ୍ରସାରଣ କରି ହଜୁର୍ ଅନୁଓ୍ୱର୍ କଣ ସେହି ବାକ୍ୟ ଓ ତାର ଅନୁବାଦକୁ ଉପସ୍ଥାପନ କରିଲା ଯେ– ‘‘ମୁଁ ଆପଣମାନଙ୍କ ସହିତ ଧର୍ମୀୟ ଶୈଳୀ ମୁତାବକ ହାତ ତ ମିଳାଉନାହିଁ । କିନ୍ତୁ ଯେତେବେଳେ ଆପଣଙ୍କୁ ଆବଶ୍ୟକ ପଡ଼ିବ ବା କୈଣସି ସମସ୍ୟା ଆସିବ ତେବେ ଆପଣମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ମୁଁ ଆଗ ଧାଡ଼ିରେ ରହିବି ।’’ ଏହି ବାକ୍ୟକୁ ବାରମ୍ବାର ଅନ୍ୟାନ୍ୟ ଖବର କାଗଜ ଗୁଡିକରେ ଯେପରି KA-Nachrichten ମଧ୍ୟ ଲେଖିଛି । ଖବରକାଗଜ ଗୁଡିକ ହଜୁର୍ ଅନୁଓ୍ୱର୍‌ଙ୍କର ମହିଳାମାନଙ୍କୁ ପ୍ରଦାନ କରିଥିବା ଅଭିଭାଷଣର ସାଂରାଶକ ମଧ୍ୟ ଦରଜ କରିଛନ୍ତି । ଏହିପରି ହଜୁର୍ ଅନୁଓ୍ୱର୍‌ଙ୍କ ଦ୍ୱିତୀୟ ଦିନର ଅଭିଭାଷଣ ଭିତରୁ କିଛି କଥା ନେଇ ଚର୍ଚ୍ଚା କରିଛନ୍ତି ।

ଜର୍ମାନୀର Baden-TV ଇଂଟର୍‌ନେଟ୍ ରେ ଜଲ୍‌ସାର ନକରାତ୍ମକ ଖବର ବିଷୟରେ ନକରାତ୍ମକ କମେଂଟ୍‌ସ୍ ଲେଖିଥିବା ଲୋକମାନଙ୍କୁ ଗୋଟିଏ ଭିଡ଼ିଓର ଆଲୋଚନା ମାଧ୍ୟମରେ ବହୁତ ବଢ଼ିଆ ଉତର ଦେଇଛି । ଯେଉଁଥିରେ ସେ ଯମାତ୍‌ର ମୋଟୋ ‘ମୋହବତ୍ ସବ୍ କେଲିଏ, ନଫରତ୍ କିସି ସେ ନେହିଁ’ ଉପରେ ଜୋର୍ ଦେଇଛି ।

ଜର୍ମାନୀର ଆଉ ଗୋଟିଏ ପ୍ରସିଦ୍ଧ ଖବର କାଗଜ Tagesspiegel ରେ ବହୁତ ବଡ଼ ଆର୍ଟିକିଲ୍ ଛପା ହୋଇଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କର ତବ୍‌ଲିଗ୍, ଅତିଥିମାନଙ୍କୁ ସମ୍ବୋଧନକୁ ବିଶେଷ ରୂପେ quote କରାଯାଇଛି । ସେହିପରି ମହିଳାମାନଙ୍କ ପ୍ରସଙ୍ଗରେ ଲେଖିଛି ଯେ ମହିଳାମାନଙ୍କୁ ସେଠାରେ ହିଦାୟତ୍ ଦିଆଯାଇଥିଲା ଯେ ବିନା କାରଣରେ ଏଣେତେଣେ ନବୁଲନ୍ତୁ । ବରଂ ପର୍ଦାର ଧ୍ୟାନ ରଖନ୍ତୁ । ଯଦି କୌଣସି ମହିଳା ଚେହେରା ଢ଼ାଙ୍କି ନପାରିବ ତେବେ ସେ ମେକପ୍ ଇତ୍ୟାଦି କରନ୍ତୁ ନାହିଁ ।

ମିଡ଼ିଆ ମାନଙ୍କ ଭିତରୁ ଅଧିକାଂଶ ଯମାତ୍‌କୁ ଏକ ଶାନ୍ତିପ୍ରିୟ ଯମାତ୍ ବୋଲି ଚର୍ଚ୍ଚା କରିଛନ୍ତି । Sueddeutsche Zeitung ଖବରକାଗଜ ଲେଖିଛି:- ମିର୍ଜା ମସରୁର୍ ଅହେମଦ୍ କୋରାନ୍‌ର ଶାନ୍ତିପ୍ରିୟ ବ୍ୟାଖ୍ୟା ଉପରେ ଜୋର୍ ଦେଇ କହିଲେ ଯେ ଇସ୍‌ଲାମ୍‌ରେ ଯୁଦ୍ଧ କରିବା ପାଇଁ କେବେ ହେଲେ ବି ପ୍ରୋତ୍ସାହନ ଦିଆଯାଇନାହିଁ । ନା କେବେ ଇସ୍‌ଲାମ୍‌ର ଏପରି ଉଦ୍ଦେଶ୍ୟ ଥିଲା । ସମଲିଙ୍ଗି ବିଷୟରେ ସେ କହିଲେ ଯେ ପବିତ୍ର କୋରାନ୍ ଏପରି ସମ୍ପର୍କକୁ ଖଣ୍ଡନ କରୁଛି । କିନ୍ତୁ ସମଲିଙ୍ଗିଙ୍କ ଉପରେ ଅତ୍ୟାଚାର କରିବା ଉଚିତ୍ ନୁହେଁ । ଏହି କଥାକୁ ଅନ୍ୟାନ୍ୟ ଖବର କାଗଜ ଏବଂ ପ୍ରିଂଟ୍ ମିଡ଼ିଆ ମଧ୍ୟ ପ୍ରକାଶ କରିଛନ୍ତି ।

ଜଣେ ରିପୋର୍ଟର କହିଲେ:- ମୋତେ ସବୁଠାରୁ ଭଲ ଏକଥା ଲାଗିଲା ଯେ ଖଲିଫା ପ୍ରତ୍ୟେକ ପ୍ରଶ୍ନର ସିଧା ସିଧା ଉତର ଦେଲେ । ରାଜନିତୀଙ୍କଙ୍କ ଭଳି ଏଣୁତେଣୁ କଥା କହିଲେ ନାହିଁ । ନିଜର ଧ୍ୟାନ ପ୍ରଶ୍ନ ଉପରେ ରଖିଲେ ।

ଅଲ୍ ଇସ୍‌ଲାମ୍ ଓ୍ୱେବ୍‌ସାଇଟ୍‌ରେ ଜଲ୍‌ସାର କଭ୍‌ରେଜ:- ଜଲ୍‌ସାସାଲାନାର କାର୍ଯ୍ୟକ୍ରମ ଗୁଡିକ ଏମ୍.ଟି.ଏ ଜର୍ମାନୀ ଷ୍ଟୁଡ଼ିଓର ସହଯୋଗ ଦ୍ୱାରା ଧାରାବାହିକ ରୂପେ ଅପ୍‌ଲୋଡ଼୍ କରାଯାଉଥିଲା । ସେଂଟ୍ରାଲ୍ ପ୍ରେସ୍ ଆଣ୍ଡ୍ ମିଡ଼ିଆ ଅଫିସ୍ ତରଫରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ ମଧ୍ୟ ଅପ୍‌ଲୋଡ଼୍ କରାଯାଇଥିଲା ।

ସୋସିଆଲ୍ ମିଡ଼ିଆରେ ମଧ୍ୟ ଜଲ୍‌ସାର କଭ୍‌ରେଜ୍ କରାଯାଉଥିଲା । ତା ଭିତରୁ ଫେସ୍‌ବୁକ୍‌ରେ ୩୨ଟି ପୋଷ୍ଟ୍ ପ୍ରସାରଣ ହେଲା ଯାହାକୁ ୪ଲକ୍ଷ ୨୦ହଜାର

ଲୋକ ଦେଖିଲେ ଏବଂ ୩୬ ହଜାର ଲୋକେ ଉକ୍ତ ପୋଷ୍ଟକୁ ପସନ୍ଦ କଲେ । ତା ଉପରେ ଚର୍ଚ୍ଚା ମଧ୍ୟ କଲେ । ସେହିପରି ଟ୍ୱିଟର୍‌ରେ ମଧ୍ୟ ଜଲସା ବିଷୟରେ ୫ଲକ୍ଷ ୩୬ହଜାର୍ ଲେକେ ଜଲ୍‌ସାର ଟୁଇଟ୍‌ସ ଗୁଡିକୁ ଦେଖିଲେ ଏବଂ ୫୮୦୦ ଲୋକ ରିଟୁଇଟ୍ କଲେ ।

**(୨୮ ଅଗଷ୍ଟ ୨୦୧୭ ରିପୋର୍ଟ)**

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଭୋର୍ ୫:୩୦ ରେ ଆସି ନମାଜ ଫଜର୍ ପଢ଼ାଇଲେ । ନମାଜ ପଢ଼ିବା ପରେ ହଜୁର୍ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ସକାଳେ ହଜୁର୍ ଦଫ୍‌ତରି ଡାକ ଏକ ରିପୋର୍ଟ୍‌ସ ଇତ୍ୟାଦିକୁ ଦେଖିଲେ ଏବଂ ଉପଦେଶ ଦେଲେ ।

**ବିଭିନ୍ନ ଦେଶରୁ ଆସିଥିବା ୱ୍ଫଦ୍ (ଦଳ)ଙ୍କ ସହିତ ହଜୁର୍ ଅନୁୱ୍ୱର୍‌ଙ୍କର ସାକ୍ଷାତ୍‌କାର**

ଆଜି ପ୍ରୋଗ୍ରାମ୍ ମୁତାବକ ବିଭିନ୍ନ ଦଳରୁ ଆସିଥିବା ୱ୍ଫଦ୍‌ଙ୍କ ସହିତ ସାକ୍ଷାତ୍‌କାର ଥିଲା । ହଜୁର୍ ଅନୁୱ୍ୱର୍ ଅ:ବ:ଅ ଠିକ୍ ୧୦:୫୫ ରେ ଦଫ୍‌ତର୍ ଆସିଲେ ଏବଂ ସାକ୍ଷାତ୍‌କାର ପ୍ରୋଗ୍ରାମ୍ ଆରମ୍ଭ ହେଲା ।

**ସ୍ଲୋଭାନିଆ**

ସର୍ବପ୍ରଥମେ ସ୍ଲୋଭାନିଆ ଦେଶରୁ ଆସିଥିବା ୱ୍ଫଦ୍ ସାକ୍ଷାତ୍ କରିବାର ଗୌରବ ପ୍ରାପ୍ତ କଲେ । ସ୍ଲୋଭାନିଆରୁ ଛଅଜଣ ବିଶିଷ୍ଟ ୱ୍ଫଦ୍ ଜଲ୍‌ସାସାଲାନା ଜର୍ମାନୀରେ ସାମିଲ୍ ହୋଇଥିଲେ । ଜଣେ ଅତିଥି ମିଷ୍ଟର୍ ଗ୍ରେଗର୍ ସାଙ୍କୋଭିକ୍ ଯିଏ ପେଶାରେ ଓକିଲ ସେ ବତାଇଲେ ଯେ ଜଲ୍‌ସା ସାଲାନାର ପ୍ରୋଗ୍ରାମ୍ ବହୁତ ଭଲ ଥିଲା । ମୁଁ ପ୍ରତ୍ୟେକ ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ପୁଣି ସେ କହିଲେ ଯେ ତାଙ୍କୁ ହଜୁର୍ ଅନୁୱ୍ୱର୍‌ଙ୍କ ଅନେକ ଅଭିଭାଷଣ ଗୁଡିକୁ ସ୍ଲୋଭାନିଆନ୍ ଭାଷାରେ ଅନୁବାଦ କରିବା ପାଇଁ ସୌଭାଗ୍ୟ ମିଳିଛି । ସେଥିଯୋଗୁ ମୋର ବହୁତ ଇଛା ଥିଲା ଯେ ମୁଁ ହଜୁର୍‌ଙ୍କ ସହିତ ମିଶିବି । ତେଣୁ ଏହି ଜଲ୍‌ସାରେ ସାମିଲ୍ ହେବା ଦ୍ୱାରା ମୋର ଏହି ଇଛା ପୁରଣ ହୋଇଗଲା । ମୋତେ ଏହି ଜଲ୍‌ସାରେ ବହୁତ ଅହେମଦୀ ବନ୍ଧୁଙ୍କ ସହିତ ମିଶିବାର ସୁଯୋଗ ମିଳିଲା । ପ୍ରଥମେ ମୁଁ କେବଳ କିଛି ଲୋକଙ୍କୁ ଜାଣିଥିଲି । କିନ୍ତୁ ବର୍ତମାନ ଅନେକ ଅହେମଦୀମାନଙ୍କ ସହିତ ମୋର ପରିଚୟ ହୋଇସାରିଛି । ଅହେମଦୀ ମୁସଲ୍‌ମାନ୍ ବହୁତ ଅତିଥି ପରାୟଣ ଏବଂ ବହୁତ ସ୍ନେହ ଏବଂ ଶ୍ରଦ୍ଧାର ସହିତ ମିଶିଥାନ୍ତି ।

ସ୍ଲୋଭାନିଆର ୱ୍ଫଦ୍‌ରେ ଜଣେ ଜର୍ନାଲିଷ୍ଟ୍ ଉରୁସ୍‌କା ଜାଗୋର୍କ ମଧ୍ୟ ସାମିଲ୍ ଥିଲେ । ହଜୁର୍ ଅନୁୱ୍ୱର୍ ତାଙ୍କୁ ପଚାରିବାରେ ସେ ବତାଇଲେ ଯେ ସେ ଇକୋନୋମିକ୍ କ୍ରାଇସିଜ୍ ସମ୍ବନ୍ଧରେ କାର୍ଯ୍ୟ କରୁଛନ୍ତି । ନିଜର ଭାବନା ବ୍ୟକ୍ତ କରି କହିଲେ ଯେ ଜଲ୍‌ସାର ଆୟୋଜନ ବହୁତ ଭଲ ଥିଲା ଏବଂ ବହୁତ ଭଲ ପରିବେଶ ଥିଲା । ବହୁତ ଲୋକ ବିଭିନ୍ନ ଦେଶରୁ ଆସିଥିଲେ ଏବଂ ସେମାନେ ସମସ୍ତେ ଆମର ବହୁତ ସମ୍ମାନ କଲେ । ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର ପରେ ସେ କହିଲେ ଯେ ଏହି ସାକ୍ଷାତ୍‌କାର୍ ଏତେ ହୃଦୟସ୍ପର୍ଶୀ ଥିଲା ଯେ ଉଠିବାକୁ ମନ ଚାହୁଁନଥିଲା । ମୋର ଇଛା ଥିଲା ଯେ ମୁଁ ଆଉ ଅଧିକ ସମୟ ବସିଥାନ୍ତି, ଯାହାଦ୍ୱାରା ମୋତେ ହଜୁର୍‌ଙ୍କ ସହିତ କଥାବାର୍ତା କରିବା ପାଇଁ ସୁଯୋଗ ମିଳିପାରିଥାନ୍ତା ।

ଆଉଜଣେ ମହିଳା ଅତିଥି ବାର୍‌ବରା ନୱ୍ୱାକ୍ ସାହିବା ନିଜର ଭାବନା ବ୍ୟକ୍ତ କରି କହିଲେ ଜଲ୍‌ସାର ଆୟୋଜନ ୧୦୦ ପରସେଂଟ୍ ନୁହେଁ ବରଂ ୫୦୦ ପରସେଂଟ୍ ଥିଲା ।

ଆଉଜଣେ ଅତିଥି ଯାହାଙ୍କର ସମ୍ପର୍କ ଶିରିଆ ଦେଶ ସହିତ ଅଛି କିନ୍ତୁ ସେ ସ୍ଲୋଭାନିଆରେ ରହୁଛନ୍ତି । ସେ କହିଲେ ଜଲ୍‌ସାସାଲାନାର ଆୟୋଜନ ବହୁତ ଭଲ ଥିଲା । ଆମକୁ ବହୁତ ନୁଆ କଥା ଶିଖିବାର ସୁଯୋଗ ମିଳିଲା । ଯାହାକୁ ଆମେ ଆମ ଜୀବନର ଅଂଶ ରୂପେ ନିର୍ମାଣ କରିବା ପାଇଁ ଚେଷ୍ଟା କରିବୁ ଏବଂ କଦାପି ଭୁଲିବୁ ନାହିଁ ।

ରେଡ଼କ୍ରସ୍ ବିଭାଗରେ କାର୍ଯ୍ୟରତ ଓକିଲ ମିଷ୍ଟର୍ ଗ୍ରଗର୍ ସ୍ୟାକୋଭିକ୍ ଇତାଅତ୍ ବିଷୟରେ ପ୍ରଶ୍ନ କଲେ । ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱ୍ୱର୍ କହିଲେ- ଷ୍ଟେଜ୍‌ର ପଛପଟେ ବ୍ୟାନର୍‌ରେ ମଧ୍ୟ ଲେଖାଥିଲା ଯେ ଅତିଉଲ୍ଲାଃ ୱ୍ୱ ଅତିଉର୍ ରସୁଲା ୱ୍ୱ ଉଲିଲ୍ ଅମ୍‌ରି ମିନ୍‌କୁମ୍ । ପବିତ୍ର କୋରାନ୍ କହୁଛି ଯେ ଅଲ୍ଲାଃତାଲା, ରସୁଲ୍ ଏବଂ ଉଲିଲ୍ ଅମର୍ (ଦେଶର ହାକିମଙ୍କ)ର ଇତାଅତ୍ କର । ଯେଉଁଠି ଉଲିଲ୍ ଅମର୍‌ର ଇତାଅତ୍‌ର କଥା ଉଠୁଛି ଯଦି କୌଣସି ହାକିମ, ହୁକୁମତ୍ (ସରକାର) ଆପଣଙ୍କ ଧର୍ମ ଉପରେ ହସ୍ତକ୍ଷେପ କରୁଥାଏ ଏଂବ ଆପଣଙ୍କୁ ଧର୍ମୀୟ ଶିକ୍ଷା ଉପରେ ଅମଳ କରିବା ପାଇଁ ରୋକେ ତେବେ ପୁଣି ଆପଣ ଏହି ମାମଲାରେ ଇତାଅତ୍ କରିବେ ନାହିଁ । ହଜୁର୍ ଅନୁୱ୍ୱର୍ କହିଲେ ପାକିସ୍ତାନ୍‌ରେ ଆମେ କଲ୍‌ମା ପଢୁଛୁ ଅସ୍‌ସଲାମୋ ଆଲୈକୁମ୍ କହୁଛୁ ଏବଂ ନମାଜ ପଢୁଛୁ । ଏହି ମାମଲାରେ ଆମେ ଦେଶର କାନୁନ୍ କୁ ମାନିବୁ ନାହିଁ । ଧର୍ମ ଉପରେ ହସ୍ତକ୍ଷେପ କରିବା ପାଇଁ ଯେଉଁ କାନୁନ୍ ଅଛି ଆମେ ତାକୁ ମାନିବୁ ନାହିଁ । ବାକି ଯେଉଁ ଅନ୍ୟ କାନୁନ୍ ସବୁ ଅଛି ଆମେ ତାକୁ ସମ୍ମାନ ଜଣାଉଛୁ ଏବଂ ଯିଏ ମଧ୍ୟ ହାକିମ ଅଛନ୍ତି ତାକୁ ମଧ୍ୟ ସମ୍ମାନ ଜଣାଉଛୁ । ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ମଧ୍ୟ ଗୋଟିଏ କାନୁନ୍ ଗଢ଼ି ନମାଜରୁ ଓ ଉପାସନାରୁ ରୋକା ଯାଇଥିଲା । କିନ୍ତୁ ଆପଣ ତାକୁ ଗ୍ରହଣ କଲେ ନାହିଁ ।

ହଜୁର୍ ଅନୁୱ୍ୱର୍ କହିଲେ- ପାକିସ୍ତାନ୍‌ରେ ଅସ୍‌ସଲାମୋ ଆଲୈକୁମ୍ କହିଲେ ତିନିବର୍ଷ ଜେଲ୍‌ଦଣ୍ଡ ହୋଇଯିବ । କଲ୍‌ମା ତୈୟବା ଲାଇଲାହା ଇଲଲ୍ଲାହୁ ମହମ୍ମଦୁର୍ ରସୁଲୁଲ୍ଲାଃ (ଅର୍ଥାତ୍ ଖୁଦାଙ୍କ ବ୍ୟତୀତ କେହି ଉପାସନାର ଯୋଗ୍ୟ ନୁହଁନ୍ତି ଓ ମହମ୍ମଦ୍ ସ:ଆ:ସ ଅଲ୍ଲାଃତାଲାଙ୍କର ରସୁଲ୍ ଅଟନ୍ତି । କେଉଁଠି ତିନିବର୍ଷ ଦଣ୍ଡ ମିଳିଥାଏ । ତେଣୁ ବହୁତ ଅହେମଦୀ ଏପରି ଦଣ୍ଡକୁ ଗ୍ରହଣ କରିଛନ୍ତି ଏବଂ ସେମାନେ ବର୍ତମାନ ଜେଲ୍‌ରେ ଅଛନ୍ତି । ସେମାନେ ସଜାକୁ ଗ୍ରହଣ କଲେ କିନ୍ତୁ ନିଜ ଇମାନ୍‌ରୁ ପଛଘୁଂଚା ଦେଲେନାହିଁ ।

ଆଉଜଣେ କ୍ୟାଥୋଲିକ୍ ମହିଳା ଅତିଥି ଯିଏ ଜଣେ ମୁସଲ୍‌ମାନ୍ ପୁରୁଷଙ୍କୁ ବିଭା ହୋଇଛନ୍ତି ତାଙ୍କୁ ହଜୁର୍ ଅନୁୱ୍ୱର୍ କହିଲେ ବର୍ତମାନ ଧର୍ମ ସମ୍ବନ୍ଧରେ ଜଣେ ଆଉ ଜଣଙ୍କ ଉପରେ କୌଣସି ପ୍ରକାରର ବାଧ୍ୟ କରିବ ନାହିଁ ଯେ ସେ ତାଙ୍କ ଧର୍ମକୁ ଗ୍ରହଣ କରୁ । ଧର୍ମ ବାବଦରେ ହସ୍ତକ୍ଷେପ ହେବା ଉଚିତ୍ ନୁହେଁ । ଯେଉଁ ପିଲା ଜନ୍ମ ହେବେ ସେ ତା ବାପର ଧର୍ମ ଅନୁସାରେ ଚାଲିବେ । ସେମାନଙ୍କର ତର୍‌ବିୟତ୍ ବିଷୟରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ-ବହୁତ ଗୁଡିଏ ମାମଲା ମୁଁ ଦେଖିଛି ଯେ ଯଦି ସ୍ୱାମୀ ସ୍ତ୍ରୀ ଙ୍କ ଅଲଗା ଅଲଗା ଧର୍ମ ଥିବ ତେବେ ପିଲା ଜନ୍ମ ହେବା ପରେ ଯେବେ ତାଙ୍କୁ ତର୍‌ବିଅତ୍ କରିବାର ବୟସ ହୋଇଯିବ ସେତେବେଳେ ନିଜ ନିଜ ଭିତରେ ମତାନ୍ତର ଆରମ୍ଭ ହୋଇଯିବ । ମତାନ୍ତର ନ କରି ଏହା ଦେଖିବା ଉଚିତ୍ ଯେ ଯେଉଁ ଧର୍ମରେ କିଛି ଭଲ କଥା ଅଛି ସେ ତାକୁ ଗ୍ରହଣ କରିନେଉ । ସ୍ୱାମୀ ଦେଖୁ ଯେ ଯଦି ସ୍ତ୍ରୀ ର ଧର୍ମରେ କିଛି ଭଲ କଥା ମିଳୁଛି ତେବେ ସେ ସେହି ଭଲ କଥାକୁ ଗ୍ରହଣ କରୁ । ସେହିପରି ଯେବେ ସ୍ତ୍ରୀ ଦେଖେ ଯେ ସ୍ୱାମୀଙ୍କ ଧର୍ମରେ ଭଲକଥା ଅଛି ତେବେ ସେ ସ୍ତ୍ରୀ ତାକୁ ଗ୍ରହଣ କରୁ । କିନ୍ତୁ ଜଣେ ଅନ୍ୟ ଜଣଙ୍କ ଉପରେ ବାଧ୍ୟ କରିପାରିବ ନାହିଁ । ସ୍ଲୋଭାନିଆର ୱ୍ଫଦ୍ ସହିତ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ସାକ୍ଷାତ୍‌କାର୍ ୧୧:୧୫ ପର୍ଯ୍ୟନ୍ତ ଜାରି ଥିଲା । ପରିଶେଷରେ ୱ୍ଫଦ୍‌ର ମେମ୍ବର୍‌ମାନେ ଜଣକ ପରେ ଜଣେ ହଜୁରଙ୍କ ସହିତ ଫଟୋ ଉଠାଇଲେ ।

**ସିଙ୍ଗାପୁର**

ଏହାପରେ ସିଙ୍ଗାପୁର ରୁ ଆସିଥିବା ୱ୍ଫଦ୍‌ଙ୍କ ସହିତ ହଜୁର୍ ଅନୁୱ୍ୱର୍ ସାକ୍ଷାତ୍ କଲେ । ସିଙ୍ଗାପୁର୍‌ରୁ ଦୁଇଜଣ ଜଲ୍‌ସାସାଲାନା ଜର୍ମାନୀରେ ସାମିଲ୍ ହେବା ପାଇଁ ଆସିଥିଲେ । ୱ୍ଫଦ୍‌ର ଜଣେ ମେମ୍ବର୍ କହିଲେ ଯେ ସେ ହେଉଛନ୍ତି ପୂର୍ବତନ ସଦର ଖୁଦାମୁଲ୍ ଅହେମଦୀୟା । ଯେତେବେଳେ ହଜୁର୍ ଅନୁୱ୍ୱର୍ ସିଙ୍ଗାପୁର ଗସ୍ତରେ ଯାଇଥିଲେ ସେ ସମୟରେ ସେ ସଦର୍ ଖୁଦାମୁଲ୍ ଅହେମଦୀୟା ଥିଲେ ଏବଂ ତାଙ୍କୁ ହଜୁର୍ ଅନୁୱ୍ୱର୍‌ଙ୍କ ଗାଡ଼ି ଚଳାଇବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଦୁଇଜଣଯାକ କହିଲେ ଯେ ଆମେ ପ୍ରଥମ ଥର ପାଇଁ ଜଲ୍‌ସାସାଲାନା ଜର୍ମାନୀରେ ଯୋଗ ଦେଇଛୁ । ପ୍ରତ୍ୟେକ କ୍ଷେତ୍ରରେ ଏହି ଜଲ୍‌ସା ବହୁତ ଭଲ ଥିଲା । ହଜୁର୍ ଅନୁୱ୍ୱର୍ ବହୁତ ସ୍ନେହର ସହିତ ସେହି ଦୁଇଜଣଙ୍କୁ ଏବଂ ତାଙ୍କ ପରିବାର ଓ ପିଲାମାନଙ୍କ ବିଷୟରେ ପଚାରି ବୁଝିଲେ । ହଜୁର୍ ଅନୁୱ୍ୱର୍ କହିଲେ ମୁଁ ସିଙ୍ଗାପୁର୍‌କୁ ବହୁତ ପସନ୍ଦ କରେ । ଏହି ସାକ୍ଷାତ୍‌କାର୍ ୧୧:୨୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେମାନେ ହଜୁର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**କିର୍‌ଗିଜ୍‌ସ୍ତାନ୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ କିରଗିଜ୍‌ସ୍ତାନ୍‌ରୁ ଆସିଥିବା ୱ୍ଫଦ୍‌ଙ୍କ ସହିତ ହଜୁର୍ ଅନୁୱ୍ୱର ଅ:ବ:ଅ ଙ୍କ ସାକ୍ଷାତ୍‌କାର ଅନୁଷ୍ଠିତ ହେଲା । କିର୍‌ଗିଜ୍‌ସ୍ତାନ୍ ରୁ ମଧ୍ୟ ଦୁଇଜଣ ବିଶିଷ୍ଟ ୱ୍ଫଦ୍ ଆସିଥିଲା । ସେମାନଙ୍କ ମଧ୍ୟରୁ ଜଣେ ସେଠିକାର ସଦର୍ ଯମାତ୍ ଥିଲେ ଏବଂ ଦ୍ୱିତୀୟ ଜଣକ ଯାମିଆ ଅହେମଦୀୟା ଘାନା ର ଶିକ୍ଷାର୍ଥୀ ଆସିର୍ ଅଲୀ ଗୟାସ୍ ବେଗ୍ ସାହେବ୍ ଥିଲେ ।

ସଦର ଯମାତ୍ ସଲାମତ୍ ବେଗ୍ କୁସ୍ତା ବାଇଫ୍ ସାହେବ୍ କହିଲେ ଯେ ସେ ୨୦୦୬ ମସିହାରେ ଅହେମଦୀୟତ୍ ଗ୍ରହଣ କରିଥିଲେ । ବର୍ତମାନ ସେଠାରେ ଯମାତ୍‌ର ସଦର ଅଛନ୍ତି । ସେ ହଜୁର୍‌ଙ୍କ ଗୋଚରେ ଯମାତ୍‌ର ରେଜିଷ୍ଟ୍ରେସନ୍ ପ୍ରସଙ୍ଗରେ ଦୁଆ କରିବା ପାଇଁ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ ଆପଣ ଚେଷ୍ଟା କରି ଚାଲନ୍ତୁ ଏବଂ ବାରମ୍ବାର ଆପ୍ଲାଇ କରନ୍ତୁ । କେତେବେଳେ କେବେ ଭଲ ଲିଡର୍‌ସିପ୍ ଯଦି ରହିବ ତ କାମ ହୋଇଯିବ । ନିଜର ପବ୍ଲିକ୍ ରିଲେସନ୍‌କୁ ବଢ଼ାନ୍ତୁ ଏବଂ ନିଜର ସମ୍ପର୍କକୁ ବଢ଼ାଇ ଚାଲନ୍ତୁ । ସେଥିପାଇଁ ଯଦି ବଜେଟ୍ ନାହିଁ ତେବେ ବଜେଟ୍ ବନାନ୍ତୁ । ସଦର୍ ସାହେବ୍ କହିଲେ ଯେ କିର୍‌ଗିଜ୍‌ସ୍ତାନ୍ ଯମାତ୍‌ର ଲୋକେ ହଜୁର୍ ଅନୁୱ୍ୱର୍‌ଙ୍କ ଗୋଚରେ ସଲାମ୍ ପ୍ରେରଣ କରୁଛନ୍ତି । ଏଥିରେ ହଜୁର୍ କହିଲେ ମୋ ଆଲୈକୁମୁସ୍‌ସଲାମ୍, ପୁଣି କହିଲେ ମୋ ସଲାମ୍ ମଧ୍ୟ ଆପଣଙ୍କ ଲୋକମାନଙ୍କ ନିକଟରେ ପହଂଚାଇ ଦିଅନ୍ତୁ ।

ହଜୁର୍ ଅନୁୱ୍ୱର୍ ସ୍ନେହଶୀଳ ହୋଇ ଆସିର୍ ଅଲୀ ଗୟାସ୍ ସାହେବ୍, ଜାମିଆ ଅହେମଦୀୟା ଘାନା ସହିତ ମଧ୍ୟ କଥା

ହେଲେ । ପୁଣି କହିଲେ ଯେ ଆପଣ ବହୁତ ଭଲ ଉର୍ଦ୍ଦୁ ଭାଷାକୁ ଶିଖିନେଇଛନ୍ତି । ଏହା ଆପଣଙ୍କର ହେଉଛି ପ୍ରଥମ ଜଲ୍‌ସା ସାଲାନା । ଏହା କଣ ଘାନାର ଜଲ୍‌ସା ପରି ନୁହେଁ । ସେଠାରେ ତ ମହିଳା ଏବଂ ପୁରୁଷମାନେ ନିଜ ନିଜର ଖାଦ୍ୟ ପ୍ରସ୍ତୁତ କରିଥାନ୍ତି, କିନ୍ତୁ ଏଠାରେ ଅଲଗା ବ୍ୟବସ୍ଥା ଅଛି । ଲଙ୍ଗର୍‌ଖାନାରେ କେବଳ ପୁରୁଷମାନେ ହିଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ଏଠାରେ କିଛି ପାବନ୍ଦି ଅଛି । ଯେବେ କି ସେଠାରେ ସ୍ୱାଧିନତା ଅଛି । ସୁଗମତା ଓ ସରଳତାରୁ ଫାଇଦା ଉଠାଇ ବିଭିନ୍ନ ପ୍ରକାରର ଲଙ୍ଗର୍‌ର ବ୍ୟବସ୍ଥା ଜାରି ଅଛି ।

ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଘାନାର ଜାମିଆରେ ଶିକ୍ଷା ହାସଲ କରୁଥିବା ରଷ୍ ଦେଶର ଶିକ୍ଷାର୍ଥୀମାନଙ୍କ ଖାଦ୍ୟ ବ୍ୟବସ୍ଥା ପ୍ରସଙ୍ଗରେ ପଚାରି ବୁଝିଲେ ଏବଂ କହିଲେ ଏ ବାବଦରେ ମୁଁ ହିଦାୟତ୍ (ନିର୍ଦ୍ଦେଶ) ଦେଇଥିଲି ଏବଂ ବ୍ୟବସ୍ଥା ପୂର୍ବରୁ ବହୁତ ଭଲ ଅଛି । ଆପଣଙ୍କ ମିଜାଜ ଏବଂ ଆବଶ୍ୟକ ଅନୁସାରେ ଖାଦ୍ୟ ଦିଆଯାଉଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃ କରନ୍ତୁ ସେଠିକାର ଅବସ୍ଥା ଭଲ ହୋଇଯାଉ । ତେବେ ମୁଁ ଆପଣଙ୍କ ଦେଶକୁ ଭ୍ରମଣରେ ଯିବି । କିର୍‌ଗିଜ୍‌ସ୍ତାନ୍‌ର ଏହି ଓ୍ୱଫଦ୍ ସହିତ ସାକ୍ଷାତ୍‌କାର ୧୧:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ସେହି ଦୁଇଜଣଯାକ ହଜୁର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର ଦୟା ପରବଶ ହୋଇ ସେହି ଦୁଇଜଣଙ୍କୁ ଆଲୈସଲ୍ଲାହୋ ର ମୁଦି ଓ କଲମ ପ୍ରଦାନ କଲେ ।

## ଅଲ୍‌ବାନିଆ

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ପୁରୁଷମାନଙ୍କ ହଲ୍‌ରେ ପ୍ରବେଶ କଲେ । ଯେଉଁଠି ଅଲ୍‌ବାନିଆ ଦେଶରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇଲେ । ଏବର୍ଷ ଆଲ୍‌ବାନିଆରୁ ୪୮ଜଣ ଲୋକ ପରିବେଷ୍ଟିତ ଓ୍ୱଫଦ୍ ଜଲ୍‌ସାସାଲାନାରେ ସାମିଲ୍ ହୋଇଥିଲା । ଯାହାଙ୍କ ମଧ୍ୟରୁ ୧୯ ଜଣ ଅହେମଦୀ ଏବଂ ୨୯ ଜଣ ଗଏର୍ ଅହେମଦୀ ଥିଲେ । ଏହି ଲୋକମାନେ ବସ୍ ଯୋଗେ ୪୩ ଘଂଟା ଯାତ୍ରା କରି ଏଠାରେ ପଂହଚି ଥିଲେ । ସେମାନଙ୍କ ଭିତରେ ସରକାରଙ୍କ ତରଫରୁ ମଧ୍ୟ ଦୁଇଜଣ ପ୍ରତିନିଧି ଆସିଥିଲେ । ଜଣେ ହେଉଛନ୍ତି ମିସେସ୍ ଲୋରିଟା କୋନୁମି, ଚେୟାର୍‌ମ୍ୟାନ୍ ଅଫ୍ ଷ୍ଟେଟ୍ କମିଟି ଆଣ୍ଡ୍ କଲ୍‌ଡସ୍ ଓ ମିଷ୍ଟର୍ ସ୍ଥୁଇଟ୍ ଗୋରା ଯିଏ ଏହି ଦଫତର୍‌ର ବୋର୍ଡ଼ର କର୍ମୀ ଅଟନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସମସ୍ତ ଲୋକମାନଙ୍କ ବିଷୟରେ ପଚାରି ବୁଝିଲେ ଏବଂ ଏହାପରେ କମିଟି ଅନ୍ କଲ୍‌ସ୍ ର ସଦର ସାହିବା ହଜୁର୍ ଅନୁଓ୍ୱର୍‌ଙ୍କୁ ବତାଇଲେ ଯେ ଆଲ୍‌ବାନିଆରେ ଏହି ଦଫ୍‌ତର୍ ସରକାର ଏବଂ ଧାର୍ମିକ ଅନୁଷ୍ଠାନ ମଧ୍ୟରେ କୋଅର୍ଡ଼ିନେଟର୍ କାର୍ଯ୍ୟ କରୁଛି । ଦେଶରେ ଧର୍ମୀୟ ଭାଇଚାରାକୁ ନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଇଥାଏ । ସେ ହଜୁର୍ ଅନୁଓ୍ୱର୍‌ଙ୍କୁ ପୁଣି ପଚାରିଲେ ଯେ ଧର୍ମୀୟ ଭାଇଚାରା ପ୍ରତିଷ୍ଠା କରିବା ବିଷୟରେ ଯମାତ୍ ଅହେମଦୀୟା କଣ କାମ କରୁଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ବିଭିନ୍ନ ସେମିନାର୍ ଗୁଡିକରେ ଯେଉଁ ଲେକ୍‌ଚର୍ ଦେଇଛି ତା ଭିତରୁ ଯଦି କିଛି ଆପଣ ଯଦି ଶୁଣିବେ ତେବେ ଆପଣଙ୍କ ପ୍ରଶ୍ନର ଉତର ମିଳିଯିବ । ଆମେ ଧର୍ମୀୟ ଶାନ୍ତି ଚାହୁଁଛୁ । ପ୍ରତ୍ୟେକ ଧର୍ମକୁ ଏକାଠି ହୋଇ ଭାବର ଆଦାନ ପ୍ରଦାନ କରିବା ଉଚିତ୍ । ଆମେ କନ୍‌ଫରେନ୍‌ସ ଅନୁଷ୍ଠିତ କରୁଛୁ । ଯେଉଁଥିରେ ବିଭିନ୍ନ ଧର୍ମର ଓ୍ୱଲେମାମାନଙ୍କୁ ନିମନ୍ତ୍ରଣ କରୁଛୁ । ସେମାନଙ୍କୁ ସ୍ୱାଗତ କରୁଛୁ ଓ ସେମାନଙ୍କୁ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷା ବିଷୟରେ ଅବଗତ କରାଉଛୁ । ଏହା ଆମେ ଆଜିକାଲି ଚେଷ୍ଟା କରୁନାହୁଁ ବରଂ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଗୋଟିଏ ପୁସ୍ତକ ଅଛି ଯାହାକୁ ଆପଣ ଗୋଟିଏ ସର୍ବଧର୍ମ ସମ୍ମିଳନୀ ଅବସରରେ ଦେଇଥିଲେ । ପରେ ଆପଣଙ୍କର ଏହି ଅଭିଭାଷଣ ''ଇସ୍‌ଲାମି ଉସୁଲ୍ କି ଫଲାସଫି'' ନାମରେ ପୁସ୍ତକ ରୂପେ ପ୍ରକାଶ ପାଇଲା । ଏ ପୁସ୍ତକକୁ ଆପଣ ଆମ ମର୍କଜରୁ ହାସଲ କରିପାରିବେ । ଆମେ ମାନବିକତାକୁ ପ୍ରାଥମିକତା ଦେଇଥାଉ ଏବଂ ଇସ୍‌ଲାମ୍ ପ୍ରସଙ୍ଗରେ ତାକୁ ଆମେ ପ୍ରସାର କରିଥାଉ । ଯଦି ମନୁଷ୍ୟର ସମ୍ମାନ ନ କରାଯିବ ତେବେ ଠିକ୍ ରୂପେ ଧର୍ମ ଉପରେ ପରିଚାଳିତ ହୋଇପାରିବ ନାହିଁ ।

ଏହାପରେ ମିସେସ୍ କୁନୁମି ସାହିବା ପ୍ରଶ୍ନ କଲେ କି ଆଜିକାଲି ଦୁନିଆରେ ସନ୍ତ୍ରାସବାଦ ମାତ୍ରାଧିକ ପ୍ରସାର କରିଚାଲିଛି । ବିଶେଷ କରି ଯୁବଗୋଷ୍ଠୀ ଏହାପ୍ରତି ଆକର୍ଷିର ହେଉଛନ୍ତି । ଆପଣଙ୍କ ଯମାତ୍ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ଦୁଆ ବ୍ୟତୀତ ଆଉ କଣ ପଦକ୍ଷେପ ନେଇଛି ।

ହଜୁର୍ ଅନୁଓ୍ୱର କହିଲେ ଆମେ ଚେଷ୍ଟା କରୁଛୁ ଯେ ଇସ୍‌ଲାମ୍‌ର ପ୍ରକୃତ ବାର୍ତା ଅଣ ଅହେମଦୀ ମୁସଲ୍‌ମାନ ପର୍ଯ୍ୟନ୍ତ ପହଂଚାଇପାରିବୁ । ଆମେ ଆମର ଶାନ୍ତି ସମ୍ମିଳନୀ ଗୁଡିକରେ ଗଏର୍ ଅହେମଦୀ ମୁସଲ୍‌ମାନ୍‌ମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିଥାଉ । ଆମେ କାହାକୁ ବାଧ କରି ମନେଇପାରିବୁ ନାହିଁ ନା ଆମ ପାଖରେ କୌଣସି ସରକାର ଅଛି ଯେ ଆମେ ସରକାରୀ ସ୍ତରରେ ନିଜର କୌଣସି ମଡେଲ୍ ଉପସ୍ଥାପନ କରିପାରିବୁ । କିନ୍ତୁ ଆମର ଶକ୍ତି ଓ ସାମର୍ଥ୍ୟ ଅନୁସାରେ ଆମେ ଏହି ସମସ୍ୟାର ଅସଲ ବାସ୍ତବିକତାକୁ ମୁସଲ୍‌ମାନ ମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରୁଛୁ । ଏତଦ୍‌ବ୍ୟତୀତ ଆମେ ଆମ ଯମାତ୍‌ରେ ମଧ୍ୟ ଇସ୍‌ଲାମ୍‌ର ସଠିକ୍ ଶିକ୍ଷାକୁ ଲାଗୁ କରିବା ପାଇଁ ଚେଷ୍ଟା କରୁଛୁ । ସେଥିଯୋଗୁଁ ଆପଣ ଦେଖିପାରୁଥିବେ ଯେ କୌଣସି ଅହେମଦୀ ଯୁବକ ସନ୍ତ୍ରାସବାଦକୁ ଗ୍ରହଣ କରିନାହିଁ ।

ପରେ ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର ଲଜ୍‌ନାକୁ ସମ୍ବୋଧନ କରାଯାଇଥିବା ଭାଷଣକୁ ମଧ୍ୟ ଶୁଣିଲି । ସେହିପରି ଶେଷ ଅଭିଭାଷଣକୁ ମଧ୍ୟ ଶୁଣିଲି । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର ଉଦ୍‌ଯାପନୀ ଭାଷଣ ଦ୍ୱାରା ବିଶେଷ ଭାବେ ବହୁତ ପ୍ରଭାବିତ ହୋଇଛି । ଆଜିର ସଂସାରରେ ଯେଉଁଠି ଚାରିଆଡ଼େ ଯୁଦ୍ଧ ବିଷୟ ଚର୍ଚ୍ଚା ହେଉଛି ଏପରି ସମୟରେ ଆପଣମାନେ ଏତେ ମଜ୍‌ବୁତ୍ ଓ ଦୃଢ଼ତାର ସହିତ ଶାନ୍ତିର ଶିକ୍ଷାକୁ ପ୍ରସାର କରୁଛନ୍ତି, ଏହା ନିଶ୍ଚିତ ରୂପେ ବହୁତ ପ୍ରଶଂସନୀୟ ଅଟେ । ମୋତେ ହଜୁର୍‌ଙ୍କର ଏକଥା ବହୁତ ପସନ୍ଦ ଲାଗିଲା ଯେ ଜଣେ ମହିଳାକୁ ସବୁଠାରୁ ଅଧିକା ନିଜ ପିଲାଙ୍କ ତର୍‌ବିଅତ୍(ସଂସ୍କାର)ପ୍ରତି ଧ୍ୟାନ ରଖିବା ଉଚିତ୍ ।

Rexhep Doka ସାହେବ ଆଲ୍‌ବାନିଆର ଗୋଟିଏ ଗଏର୍ ଅହେମଦୀ ମସ୍‌ଜିଦ୍‌ର ଇମାମ୍ ଅଛନ୍ତି । ସେ ସାକ୍ଷାତ୍‌କାର ସମୟରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ୪୧ ହଜାର୍ ରୁ ଅଧିକ ଲୋକ ତିନିଦିନ ପର୍ଯ୍ୟନ୍ତ ଜମା ହେଲେ । ଏହା ସତ୍ତ୍ୱେ ମଧ୍ୟ କୌଣସି ପ୍ରକାରର ବିଶୃଙ୍ଖଳା ଅନୁଭବ ହେଲାନାହିଁ । ଏହା ନିଶ୍ଚିତ ରୂପେ ପ୍ରଶଂସନୀୟ । ହଜୁର୍ ଅନୁଓ୍ୱର୍ ତାଙ୍କୁ କହିଲେ ଯେ କଣ ଆପଣଙ୍କ ମସ୍‌ଜିଦ୍‌ରେ ମଧ୍ୟ ଏପରି ଜଲ୍‌ସା ଅନୁଷ୍ଠିତ ହେଉଛି ? ସେ କହିଲେ ଏତେ ସଂଖ୍ୟାରେ ତ ହେଉନାହିଁ ଓ ଏପରି ସୁସଂଗଠିତ ଶୈଳୀରେ ମଧ୍ୟ ହୁଏନାହିଁ ।

ଆଲ୍‌ବାନିଆରୁ ଆସିଥିବା ଆଉଜଣେ ଅତିଥି Dalip Gjergji ସାହେବ୍, ଯିଏ ପଛବର୍ଷ ମଧ୍ୟ ଜଲ୍‌ସାସାଲାନା ଜର୍ମାନୀରେ ଯୋଗ ଦେଇଥିଲେ । ହଜୁର୍ ଅନୁଓ୍ୱର୍ ତାଙ୍କୁ ପଛବର୍ଷ ଏବଂ ଏବର୍ଷ ଭିତରେ କି ପ୍ରଭେଦ ଅଛି ପଚାରିଲେ । ସେ କହିଲେ ଦୁଇଥରଯାକ ଯେ ଜଲ୍‌ସାରୁ ବହୁତ ପ୍ରଭାବିତ ହୋଇଛନ୍ତି । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣଗୁଡିକ ତାଙ୍କ ଭିତରେ ଏକ ପରିବର୍ତନ ସୃଷ୍ଟି କରିଛି । ସେଥିଯୋଗୁଁ ସେ ଜଲ୍‌ସାର ଶେଷ ଦିନ ବୟତ୍‌କରି ଅହେମଦୀୟତ୍ ଗ୍ରହଣ କରିଛନ୍ତି । ଯଦିଚ ତାଙ୍କର ପୁତ୍ର ପଛବର୍ଷ ବୟତ କରିଥିଲେ । ହଜୁର୍ ଅନୁଓ୍ୱର୍ ତାଙ୍କୁ ଇମାନ୍‌ର ଦୃଢ଼ତା ରଖିବା ପାଇଁ ଦୁଆ ଦେଲେ ।

ଏହାପରେ Rexhep Doka ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କୁ ପ୍ରଶ୍ନ କଲେ ଯେ ପେଶ୍‌ଗୋଇରେ ଲେଖା ଅଛି ଯେ ଇମାମ୍ ମେହ୍‌ଦୀ ଆସିବେ ଏବଂ କିଛିବର୍ଷ ଦୁନିଆରେ ରହିବେ ଏବଂ ତାପରେ କୟାମତ୍ ହେବ । କିନ୍ତୁ ଆପଣ ମାନୁଛନ୍ତି ଯେ ସେହି ଇମାମ୍ ମେହେଦୀ ଆସିସାରିଛନ୍ତି । ତେବେ ଏପର୍ଯ୍ୟନ୍ତ କୟାମତ୍ କାହିଁକି ଆସିନାହିଁ ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କୟାମତ୍ କେବେ ଆସିବ ଏହାର ପ୍ରକୃତ ଜ୍ଞାନ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ମଧ୍ୟ ଦିଆଯାଇନାହିଁ । ଆପଣ ସ:ଆ:ସ ମଧ୍ୟ କହିଛନ୍ତି ଯେ ମୁଁ କେବଳ କିଛି ଚିହ୍ନଁ ବତାଇପାରିବି । ପୁଣି ଯଦି ଇମାମ୍ ମେହେଦୀଙ୍କୁ କୟାମତ୍‌ର ଏତେ ନିକଟରେ ଆସିବାର ଥିଲା ତେବେ ସେ ଆସି କଣ କାମ କରିବେ ? ଯେତେବେଳେ ସେ ଆଲ୍‌ବାନିଆ ଆସିବେ ତ ସେଠିକାର ଲୋକମାନଙ୍କୁ କହିବେ ଯେ ବର୍ତମାନ ମୋ ପାଖରେ ଅଧିକା ସମୟନାହିଁ । ବର୍ତମାନ ମୋତେ ଆଫ୍ରିକା ଜଙ୍ଗଲରେ ବସବାସ କରୁଥିବା ଲୋକଙ୍କ ପାଖକୁ ମଧ୍ୟ ଯିବାକୁ ହେବ । ପୁଣି ମସିହ୍ ମଉଦ କହିବ ଯେ ମୋତେ ସଲିବି(କୃଶ)କୁ ମଧ୍ୟ ଭାଙ୍ଗିବାକୁ ହେବ । ପୁଣି ଘୁଷୁରିମାନଙ୍କୁ ହତ୍ୟା କରିବାକୁ ପଡ଼ିବ । ବର୍ତମାନ ଜର୍ମାନୀରେ ଘୁଷୁରିମାନଙ୍କର ଏତେ ଫାର୍ମ ଅଛି ଯେ ଏଥିରେ ହିଁ ତାର ସବୁ ସମୟ କଟିଯିବ । ସେହିପରି କୟାମତ୍ ପାଖାପାଖି ସମୟରେ ଆସି ସେ କଣ କରିବ ? ଅନ୍ୟପଟେ ଦୁନିଆର ଅବସ୍ଥା ଦେଖନ୍ତୁ ଯେ ଚାରିତ୍ରିକ ଦୃଷ୍ଟିରୁ କେତେ ବିଗିଡ଼ି ଚାଲିଛି । ଏତେ କମ୍ ସମୟ ପାଇଁ ଆସି ଇମାମ୍ ମେହେଦୀ କଣ କାମ କରିବେ । ହଶର୍(କୟାମତ୍)ଦିନ ଯେତେବେଳେ ଅଲ୍ଲାଃତାଲା ଲୋକମାନଙ୍କୁ ପଚାରିବେ ଯେ କାହିଁକି ଇମାନ୍ ଆଣିଲ ନାହିଁ । ସେତେବେଳେ ସେମାନେ କହିବେ ଆମ ପାଖକୁ ତ ଇମାମ୍ ମେହେଦୀ ଆସିନଥିଲେ । ସେଥିଯୋଗୁ ଆମେ ଇମାନ୍ ଆଣିନୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପବିତ୍ର କୋରାନ୍‌ର ସୁରା ତକ୍‌ଓ୍ୱିର୍‌ରେ ମଧ୍ୟ ଇମାମ୍ ମେହେଦୀ ଆସିବା ପାଇଁ ଚିହ୍ନ ବର୍ଣ୍ଣନା କରାଯାଇଛି । ସେହିପରି ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କୟାମତ୍‌ର ନୂଆ ନୂଆ ଚିହ୍ନ ବିଷୟରେ ବର୍ଣ୍ଣନା କରିଛନ୍ତି । ସେ ସବୁକୁ ପଢ଼ିବା ଉଚିତ୍ ଏବଂ ବୁଦ୍ଧିଦ୍ୱାରା ଅନୁଶୀଳନ କରିବା ଉଚିତ୍ । ଯେପରି ଦଜ୍ଜାଲ ଓ ଦଜ୍ଜାଲ୍‌ର ଗଧର ପେଶ୍‌ଗୋଇ ଅଛି । ସୂର୍ଯ୍ୟ ଚନ୍ଦ୍ରକୁ ରମ୍‌ଯାନ୍ ମାସରେ ଧାର୍ଯ୍ୟ ହୋଇଥିବା ତାରିଖରେ ଗ୍ରହଣ ଲାଗିବାର ପେଶ୍‌ଗୋଇ ଅଛି, ଯେଉଁ ବିଷୟକୁ ମୁଁ ଜଲ୍‌ସାରେ ମଧ୍ୟ ଉପସ୍ଥାପନ କରିଛି ଏବଂ ବତାଇଥିଲି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରେ ଏହା ପୁରଣ ହେଲା ଓ ଏହି ଖବରକୁ ସେ ସମୟର ପୂର୍ବ ଓ ପଶ୍ଚିମ ଦେଶଗୁଡିକର ଖବରକାଗଜ ଗୁଡିକରେ ପ୍ରକାଶ ମଧ୍ୟ ହୋଇଛି ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 16 NOV 2017 Issue No. 46

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.300/- (Per Issue:Rs.6/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

## ୨୭ ଅଗଷ୍ଟ ୨୦୧୭ ର ଅବଶିଷ୍ଟାଂଶ

## ବୟତ କରିବା ପରେ ଅତିଥିମାନଙ୍କ ମନୋଭାବ

ଆଜି ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ୩୩ ଜଣ ଲୋକ ହଜୁର୍ ଅନୁଓ୍ଵର୍ ଅ:ବ:ଅ ଙ୍କ ପବିତ୍ର ହସ୍ତରେ ବୟତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ବୟତ କରିବା ବ୍ୟକ୍ତିମାନଙ୍କ ସମ୍ପର୍କ ୧୧ଟି ଭିନ୍ନ ଭିନ୍ନ କୌମ୍(ଜାତି) ସହିତ ଥିଲା । ବୟତର ସୌଭାଗ୍ୟ ପ୍ରାପ୍ତ କରିଥିବା ଲୋକଙ୍କର ଆନନ୍ଦ କହିଲେ ନସରେ । ବୟତ ପରେ କିଛି ବ୍ୟକ୍ତି ନିଜର ମନୋଭାବକୁ ବ୍ୟକ୍ତ କରିଛନ୍ତି ଯାହାକୁ ଆମେ ନିମ୍ନରେ ପ୍ରକାଶ କରୁଅଛୁ ।

ପର୍ତ୍ତୁଗାଲ୍‌ରେ ରହୁଥିବା ଗିନି ବସାଓ ସହିତ ସମ୍ପର୍କ ରଖିଥିବା ଜଣେ ବନ୍ଧୁ ଯାହାଙ୍କ ନାମ ସ୍ୱାଲେହ୍ ଗାନୁ ସାହେବ ତାଙ୍କୁ ଜଲ୍‌ସା ସାଲାନା ଅବସରରେ ବୟତ କରିବାର ସୌଭାଗ୍ୟ ମିଳିଲା । ସେ କହୁଛନ୍ତି ଏଠାକୁ ଆସିବା ପୂର୍ବରୁ ମୋର ଆତ୍ମ ସନ୍ତୋଷ ନଥିଲା । ଏବଂ ମୋ ବୁଦ୍ଧି ଓ ବିବେକରେ କେତେକ ଶଙ୍କା ଓ ସଂସୟ ଥିଲା କିନ୍ତୁ ଏଠିକାର ପରିବେଶ ଏବଂ ଖଲିଫାଏ ଓ୍ଵକ୍ତ ଙ୍କର ଭାଷଣ ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଲା ଏବଂ ମୁଁ ଏହା ଦେଖିଲି ଯେ ଖଲିଫାଏ ଓ୍ଵକ୍ତ୍ ନିଜର ଭାଷଣରେ ପବିତ୍ର କୋରାନ୍ ଏବଂ ଆହାଦିଶ୍ ନବଓ୍ଵିୟାକୁ ଉପସ୍ଥାପନ କରୁଛନ୍ତି । ହଜୁର୍ ଅନୁଓ୍ଵର୍‌ଙ୍କର ଭାଷଣକୁ ଶୁଣି ମୋର ଏବେ ହୃଦ୍‌ବୋଧ ହୋଇଗଲା ଓ ମୁଁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ସମ୍ପର୍କରେ ଜାଣିପାରିଲି । ସୁତରାଂ ମୋତେ ବୟତ କରିବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହେଲା । ସେ କହିଲେ ଆମ ଗିନି ବସାଓ ର କୌମ୍ ଅଚେତ ଅବସ୍ଥାରେ ଶୋଇପଡ଼ିଛି । ତାକୁ ଜଗାଇବା ପାଇଁ ବହୁତ ଆବଶ୍ୟକ ଅଛି । ଫଳତଃ ସେମାନେ ଏହି ସତ୍ୟତାକୁ ଗ୍ରହଣ କରିପାରିବେ ।

ପର୍ତ୍ତୁଗାଲ୍‌ରେ ରହୁଥିବା ମରାକଶ୍‌ର ଜଣେ ବନ୍ଧୁ ମହସିନ୍ ଜୈଦି ସାହେବ୍‌ଙ୍କୁ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗଦେବା ଓ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଲେଉଟାଣି ଟିକେଟ୍ ଶିଘ୍ର କରିଦେଇଥିବା ଯୋଗୁଁ ତାଙ୍କର ପର୍ତ୍ତୁଗାଲ୍ ର ଓଫଦ ସହିତ ହଜୁର୍ ଅନୁଓ୍ଵର୍‌ଙ୍କ ସଙ୍ଗେ ସାକ୍ଷାତ୍‌କାର୍ କରିବା ପାଇଁ ସୌଭାଗ୍ୟ ମିଳିପାରିଲା ନାହିଁ । ଯିବା ପୂର୍ବରୁ ସେ ଅଡ଼ିଓ ବାର୍ତ୍ତାରେ ଯମାତ୍‌କୁ ଏବଂ ଖଲିଫାଏ ଓ୍ଵକ୍ତ୍ ଙ୍କୁ ନିଜର ପ୍ରେମ ଓ ସୌହାର୍ଦ୍ଦ୍ୟକୁ ପ୍ରକାଶ କରି ଏପରି କହିଲେ:- ''ଅସ୍‌ସଲାମୋ ଆଲୈକୁମ୍ ଓ୍ଵ ରହମତୁଲ୍ଲାହେ ଓ୍ଵ ବରକାତୁହୁ-ବିସ୍‌ମିଲ୍ଲାହିର୍ ରହ୍‌ମାନିରରହିମ୍ । ମୁଁ ଯମାତ୍ ଅହେମଦୀୟା ନିକଟରେ ବହୁତ କୃତଜ୍ଞତା ଜ୍ଞାପନ କରୁଛି ଯିଏ ମୋତେ ସଚ୍ଚା, ବାସ୍ତବିକ ଏବଂ ପବିତ୍ର ଇସ୍‌ଲାମ୍‌ର ରାସ୍ତା ଦେଖାଇଛନ୍ତି ଯାହା ମୁଁ ଆଉ କେଉଁଠାରେ ପାଇପାରିନାହିଁ । ମୁଁ ଅହେମଦୀୟତ୍ ଭିତରେ ସଚ୍ଚା ଭାଇଚାରା ଏବଂ ମିଳିମିଶି କାମ କରିବାର ମନୋବୃତିକୁ ଦେଖିଲି । ଯାହାକୁ ଆଉ କେଉଁଠାରେ ଦେଖିବାକୁ ବହୁତ କମ୍ ମିଳେ । ମୁଁ ଏଠାରେ ଯେତେଦିନ ବିତାଇଲି ସେଥିପାଇଁ ମୁଁ ଧନ୍ୟବାଦ ଦେଉଛି । କାରଣ ମୁଁ ଏଠାରେ ଇସ୍‌ଲାମ୍ ବିଷୟରେ ବହୁତ କିଛି ଶିଖିପାରିଛି । ମୁଁ ନିଜେ ଖଲିଫାଏ ଓ୍ଵକ୍ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇପାରିଲି ନାହିଁ କିନ୍ତୁ ମୁଁ ତାଙ୍କ ଗୋଚରେ ସଲାମ୍ ଅର୍ପଣ କରୁଛି । ମୁଁ ଆଶା କରୁଛି ଯେ ଆସନ୍ତାଥର ନିଶ୍ଚିତ ରୂପେ ସାକ୍ଷାତ୍‌କାର୍ ହେବ । ଧନ୍ୟବାଦ୍ ଅହେମଦୀୟା । ମାଅସ୍‌ସଲାମ୍ ।''

ବେଲ୍‌ଜିୟମ୍ ରୁ ଆସିଥିବା ଅକ୍‌ଜୁଆ ସୋମିଆ ସାହିବା ଯାହାଙ୍କ ସମ୍ପର୍କ ମରାକସ୍ ସହିତ ଅଛି । ସେ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ୍ ହୋଇଥିଲେ । ଗୋଟିଏ ବର୍ଷ ଜେରେ ତବ୍‌ଲିଗ୍ ରହିବା ପରେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏ ବର୍ଷ ଜଲ୍‌ସାସାଲାନା ଜର୍ମାନୀରେ ହଜୁର୍ ଅନୁଓ୍ଵର୍‌ଙ୍କ ହାତରେ ବୟତ୍‌କରି ଯମାତ୍‌ରେ ସାମିଲ୍ ହୋଇଛନ୍ତି । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ହଜୁର୍ ଅନୁଓ୍ଵର୍‌ଙ୍କର ଭାଷଣ ବହୁତ ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ଥିଲା । ହଜୁର୍ ଅନୁଓ୍ଵର୍‌ଙ୍କ ଭାଷଣ ଏବଂ ଉପଦେଶଗୁଡ଼ିକ ମୋ ଭିତରେ ପରିବର୍ତ୍ତନ ଆଣିଛି । ମୋର ସବୁ ଡର ଏବଂ ଆଶଙ୍କା ଚାଲିଗଲା । ଏବଂ ମୁଁ ମୋ ଭିତରେ ଏକ ନୁଆ ପରିବର୍ତ୍ତନକୁ ଅନୁଭବ କଲି ଓ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ କଲି ।

ଆଲ୍‌ବାନିଆରୁ ଆସିଥିବା ଜଣେ ଅତିଥି ଦାଲିପ୍ ଜର୍ଜି ସାହେବ୍ ଯିଏ ପଛ ବର୍ଷ ମଧ୍ୟ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେଇଥିଲେ । ହଜୁର୍ ଅନୁଓ୍ଵର୍ ତାଙ୍କୁ ପଛ ବର୍ଷର ଜଲ୍‌ସା ଏବଂ ଏ ବର୍ଷ ଜଲ୍‌ସା ଭିତରେ ଥିବା ପାର୍ଥକ୍ୟ ବିଷୟରେ ପଚାରିଲେ । ସେ କହିଲେ:- ଦୁଇଥରଯାକ ଏହି ଜଲ୍‌ସାରୁ ମୁଁ ବହୁତ ପ୍ରଭାବିତ ହୋଇଛି । ଓ ହଜୁର୍ ଅନୁଓ୍ଵର୍‌ଙ୍କ ଭାଷଣ ତାଙ୍କ ଭିତରେ ଏକ ସ୍ୱଷ୍ଟ ପରିବର୍ତ୍ତନ ସୃଷ୍ଟି କରିଛି । ସେଥିଯୋଗୁ ସେ ଜଲ୍‌ସାର ଶେଷ ଦିନ ବୟତ୍‌କରି ଅହେମଦୀୟତ୍‌ରେ ସାମିଲ୍ ହୋଇଗଲେ । ଯଦିଚ ତାଙ୍କର ପୁତ୍ର ଯିଏ ଏହି ସାକ୍ଷାତ୍‌କାର ସମୟରେ ଉପସ୍ଥିତ ଥିଲେ ସେ ପଛ ବର୍ଷ ବୟତ୍ କରିଛନ୍ତି । ହଜୁର୍ ସେମାନଙ୍କୁ ଇମାନ୍‌ର ଦୃଢ଼ତା ନିମନ୍ତେ ଦୁଆ ଦେଲେ ।

ଲିଥ୍‌ଓ୍ଵନିଆରୁ ଆସିଥିବା ଜଣେ ଅତିଥି ଥୋମାସ୍ ରାଚ୍‌ମ୍ୟାନୋଭାସ୍ ସାହେବ୍ କହୁଛନ୍ତି ମୁଁ ଲିଥୁଆନିଆରୁ ନିଜ ସ୍ତ୍ରୀ ଏବଂ ଦୁଇଟି ପିଲାଙ୍କ ସହିତ ଏହି ଜଲ୍‌ସାରେ ସାମିଲ୍ ହୋଇଛି । ମୁଁ ଜଲ୍‌ସାକୁ ୟୁଟୁବ୍‌ରେ ଦେଖିଥିଲି । କିନ୍ତୁ ମୁଁ ଏଠାକୁ ଆସି ନିଜ ଆଖିରେ ଯାହା ଦେଖିଲି ତାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ । ଏ ଯମାତ୍ ବହୁତ ଭଲ, ପ୍ରିୟ ଏବଂ ଶାନ୍ତିପ୍ରିୟ ଅଟେ ଏବଂ ଖୁସିର କଥା ଏହା ଯେ ମୁଁ ଏହାକୁ ମୋ ନିଜ ଫ୍ୟାମିଲି ସହିତ ଦେଖିଲି । ଯେଉଁ ଲୋକମାନେ ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି ସେମାନଙ୍କ ପାଇଁ ମୋର ଆନ୍ତରିକ ଶୁଭେଚ୍ଛା ।

ଥୋମାସ୍ ସାହେବ୍ ନିଜେ ୨୦୧୩ ରେ ବୟତ କରିଥିଲେ । କିନ୍ତୁ ତାଙ୍କର ସ୍ତ୍ରୀ ନିଜ ଦୁଇପିଲାଙ୍କ ସହିତ ହଜୁର୍ ଅନୁଓ୍ଵର୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ ଅହେମଦୀୟତ୍ ଗ୍ରହଣ କରିବାପାଇଁ ନିଷ୍ପତି ନେଲେ ଓ ବୟତ୍ କରି ଯମାତ୍‌ରେ ସାମିଲ୍ ହୋଇଗଲେ । ଥୋମାସ୍ ସାହେବ୍‌ଙ୍କ ସ୍ତ୍ରୀ କହିଲେ ଯେ ମୁଁ ଯମାତ୍‌ରେ ସାମିଲ୍ ହୋଇ ନିଜ ସ୍ୱାମୀ ଓ ପିଲାମାନଙ୍କ ସହିତ ଗୋଟିଏ ଉତମ ଜୀବନଯାପନର ଶୁଭାରମ୍ଭ କରୁଅଛି ।

## ଜଲ୍‌ସାରେ ସାମିଲ୍ ହୋଇଥିବା ଅତିଥିଗଣ ଏବଂ ନୌମୋବାଏ(ନୁତନ ଅହେମଦୀ)ଙ୍କର ମନୋଭାବ

ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ୍ ହୋଇଥିବା ଗଏର୍ ଅହେମଦୀ ବନ୍ଧୁ ଏବଂ କିଛି ନୌମୋବାଇନ୍ ହଜୁର୍ ଅନୁଓ୍ଵର୍‌ଙ୍କ ଅଭିଭାଷଣ ଓ ଜଲ୍‌ସାର ବ୍ୟବସ୍ଥା ଓ ପରିବେଶ ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ । ସେଥିପାଇଁ ନିଜର ମନୋଭାବକୁ ପ୍ରକଟ ମଧ୍ୟ କଲେ । ସେମାନଙ୍କ ମଧ୍ୟରୁ କିଛି ଅତିଥିଙ୍କର ମନୋଭାବ ନିମ୍ନରେ ଦିଆଯାଉଛି ।

ଜଣେ ଆରବୀ ବଂଶୀୟ ମୁସଲ୍‌ମାନ୍ ବନ୍ଧୁ ଖାଲିଦ୍ ମିଆଜ୍ ସାହେବ୍ ଯିଏ ରେଡ୍‌କ୍ରସ୍ ସଂସ୍ଥାରେ କାମ କରୁଛନ୍ତି ସେ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବ ବ୍ୟକ୍ତ କରି କହିଲେ ମୁଁ ଯେତେବେଳେ ନିଜର ଅଣ ମୁସଲିମ୍ ବନ୍ଧୁମାନଙ୍କୁ ଇସ୍‌ଲାମ୍ ଉପରେ ଆପତି ଓ ଅଭିଯୋଗ କରିବାର ଶୁଣୁଥିଲି ତେବେ ମୁସଲ୍‌ମାନ୍‌ମାନଙ୍କ ନିଜ ନିଜ ଭିତରେ ଥିବା ଘୃଣାଭାବ ଓ ଝଗଡ଼ା ଯୋଗୁଁ ମୁଁ ଇସ୍‌ଲାମ୍‌ର ପ୍ରତିରକ୍ଷା କରିପାରୁନଥିଲି । ଆଜି ଏହି ଜଲ୍‌ସାରେ ଆପଣଙ୍କ ଯମାତ୍‌ର ଇଜ୍‌ତିମାଇ (ସାମୁହିକ) ଓ ଇନ୍‌ଫିରାଦି (ବ୍ୟକ୍ତିଗତ) ଶାନ୍ତି ଓ ପ୍ରେମ ଏବଂ ଏକତାକୁ ଦେଖି ଓ ଆପଣଙ୍କ ଲୋକମାନଙ୍କ ଖଲିଫାଙ୍କ ନିମନ୍ତେ ପ୍ରେମ ଓ ଇତାଅତ୍‌କୁ ଦେଖି ମୋ ମୁଣ୍ଡ ଗର୍ବରେ ଉଚ୍ଚା ହୋଇଗଲା ଯେ ମୁଁ ଏପରି ଗୋଟିଏ ଯମାତ୍‌କୁ ନିଜ ଆଖିରେ ଦେଖିଛି ଯାହାର ଲୋକମାନେ ଶାନ୍ତିପ୍ରିୟ ଅଟନ୍ତି । ଯାହାଙ୍କ ଇଜ୍‌ତିମା ସୁସଂଗଠିତ ଏବଂ ଯାହାଙ୍କ ଲିଡର୍ ପ୍ରଭୁଭକ୍ତ ଅଟନ୍ତି । ଏବେ ମୁଁ ଆପଣମାନଙ୍କର ଉଦାହରଣ ଦେଇ ବହୁତ ଦମ୍ଭର ସହିତ ନିଜର ଅଣ ମୁସ୍‌ଲିମ୍ ବନ୍ଧୁମାନଙ୍କ ନିକଟରେ ସେମାନେ ଇସ୍‌ଲାମ୍ ଉପରେ କରୁଥିବା ଆରୋପକୁ ପ୍ରତିରକ୍ଷା କରିପାରିବି । ଓ ଖଲିଫାଏ ଓ୍ଵକ୍ତ୍ ଙ୍କର ଫଟୋ ମଧ୍ୟ ଉଠାଇଛି । ଯାହାକୁ ମୁଁ ମୋର ଆରବୀୟ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan